## ରିଅଲ୍‌ମିର ନୂତନ ଉତ୍ପାଦ

**ନୂଆଦିଲ୍ଲୀ:** ରିଅଲ୍‌ମିର ନୂତନ ଉତ୍ପାଦ 'ନେକ୍ସଟ୍-ଜେନେରେଶନ ୩୨୦ ୱାଟ୍ ଚାର୍ଜିଂ ଟେକ୍ନୋଲୋଜି'କୁ ନିକଟରେ ଉନ୍ମୋଚନ କରାଯାଇଛି। ଏପରିକି ୩୨୦ୱାଟ ସୁପରସୋନିକ ଚାର୍ଜ ଶକ୍ତି, ସୁରକ୍ଷା ଓ ଦକ୍ଷତା କ୍ଷେତ୍ରରେ ଅପ୍ରତ୍ୟାଶିତ ସଫଳତା ହାସଲ କରିଛି, ଫାଷ୍ଟ-ଚାର୍ଜିଂକୁ ଏହା ନୂଆ ଉଚ୍ଚତାକୁ ନେଇଛି ଏବଂ ଶିଳ୍ପରେ ଉପଭୋକ୍ତା ଅନୁଭୂତିକୁ ପରିବର୍ତ୍ତନ କରିଛି। ଅତ୍ୟାଧୁନିକ ୩୨୦ୱାଟ୍ ସୁପରସୋନିକ ଚାର୍ଜ ବ୍ୟତୀତ ରିଅଲ୍‌ମିର ନମ୍ବର ସିରିଜରେ ଏକ ନୂତନ ଯୋଗ ରିଅଲ୍‌ମି ୧୩ ସିରିଜ ୫ଜିର ଶୁଭାରମ୍ଭ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି।

# ୧୬୦୮ ଛାତ୍ରୀଙ୍କୁ ଆମ୍ବେଡ୍‌କର ବିଦ୍ୟାଜ୍ୟୋତି ସ୍କଲାରଶିପ୍



ଭୁବନେଶ୍ୱର,୧୪।୮(ଅନୁରାଧା ମହାରଣା)

୭୮ତମ ସ୍ୱାଧୀନତା ଦିବସ ଅବସରରେ ପ୍ୟାନ୍ ଇଣ୍ଡିଆ ମେଗା ସିଏସ୍‌ଆର୍ କାର୍ଯ୍ୟକ୍ରମ ଅନ୍ତର୍ଗତ କାନାରା ବ୍ୟାଙ୍କ ପକ୍ଷରୁ କାନାରା ବ୍ୟାଙ୍କ 'ଆମ୍ବେଡ୍‌କର ବିଦ୍ୟାଜ୍ୟୋତି ସ୍କଲାରଶିପ ସ୍କିମ୍' କାର୍ଯ୍ୟକାରୀ କରାଯାଇଛି। ଏଥିରେ ୧୭୭ଟି କ୍ଷେତ୍ରୀୟ କାର୍ଯ୍ୟାଳୟ, ୨୬ଟି ମଣ୍ଡଳ କାର୍ଯ୍ୟାଳୟ ଓ ୭୪୫୭ଟି ଶାଖା ଅନ୍ତର୍ଭୁକ୍ତ ହୋଇଛି। କାନାରା ବ୍ୟାଙ୍କ, ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏହି ଛାତ୍ରବୃତ୍ତି ଯୋଜନା ଅନ୍ତର୍ଗତ ୨୬୮ଟି ଶାଖା ଅଧୀନରେ ଅନୁସୂଚିତ ଜାତି ଓ ଜନଜାତିର ୧୬୦୮ ଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଏହି ଯୋଜନା ସମସ୍ତ ଗ୍ରାମୀଣ, ଅର୍ଦ୍ଧ ସହର ଓ ସହର ଅଧୀନ ଶାଖାଗୁଡ଼ିକରେ ଅବସ୍ଥିତ ସରକାରୀ / ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ପଢୁଥିବା ଏସ୍‌ସି ଏସ୍‌ଟି କମ୍ୟୁନିଟିର ଛାତ୍ରୀମାନଙ୍କ ପାଇଁ କାର୍ଯ୍ୟକାରୀ କରାଯାଇଛି। ଏଥିରେ ୫ମରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀମାନଙ୍କୁ ୩୦୦୦ ଟଙ୍କା ଏବଂ ୮ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀମାନଙ୍କୁ ୫୦୦୦ ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ବିମଲ ପ୍ରସାଦ ଶର୍ମା, ନିର୍ଦ୍ଦେଶକ, କାନାରା ବ୍ୟାଙ୍କ, ଦିବାକର ପ୍ରସାଦ ହରିଚନ୍ଦନ, ନିର୍ଦ୍ଦେଶକ, କାନାରା ବ୍ୟାଙ୍କ, ଲକ୍ଷ୍ମଣ କୁମାର ମଲ୍ଲିକ, କାନାରା ବ୍ୟାଙ୍କ ରାଜ୍ୟ ମୁଖ୍ୟ ତଥା ମହାପ୍ରବନ୍ଧକ ଜଗଦୀଶ ଚନ୍ଦର, ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ତଥା ସହାୟକ ମହାପ୍ରବନ୍ଧକ ମହାମାୟା ପ୍ରସାଦ ରାୟ ଏବଂ କ୍ଷେତ୍ରୀୟ କାର୍ଯ୍ୟାଳୟ ଓ ମଣ୍ଡଳ କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗ୍ରୀନ୍ ହାଇଡ୍ରୋଜେନ୍ ଅକ୍ଷୟ ଉର୍ଜାର ବିକଳ୍ପ

ଭୁବନେଶ୍ୱର,୧୪।୮




ସ୍କିଲ୍ କାଉନସିଲ୍ ଫର୍ ଗ୍ରୀନ୍ ଜବ୍ସ (ଏସ୍‌ସିଜିଜେ) ଏବଂ ଇନୋ ଡଷ୍ଟର ମିଳିତ ସହଯୋଗରେ ଦିନିକିଆ କର୍ମଶାଳା ବୁଧବାର ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଗ୍ରୀନ୍ ହାଇଡ୍ରୋଜେନ୍ ମୂଲ୍ୟ ଶୃଙ୍ଖଳ କ୍ଷେତ୍ରରେ ପ୍ରଶିକ୍ଷଣ ଏବଂ କ୍ଷମତା ବିକାଶର ଆବଶ୍ୟକତା' ଶୀର୍ଷକ ବିଷୟବସ୍ତୁ ଉପରେ ଏହି କର୍ମଶାଳା ଆୟୋଜିତ ହୋଇଥିଲାବେଳେ ରାଜ୍ୟରେ ଗ୍ରାନ୍ ହାଇଡ୍ରୋଜନ୍‌ର ଭବିଷ୍ୟତ ସମ୍ପର୍କରେ ମଧ୍ୟ ଏକ ସାରଗର୍ଭକ ଆଲୋଚନା କରାଯାଇଥିଲା। ବିଶେଷକରି ରାଜ୍ୟରେ ଗ୍ରୀନ୍ ହାଇଡ୍ରୋଜେନ ଇକୋସିଷ୍ଟମର ବିକାଶ ପାଇଁ ଏକ ନିର୍ଦ୍ଦିଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ ଏବଂ ଏ ସଂକ୍ରାନ୍ତରେ ଆବଶ୍ୟକ ପ୍ରଶିକ୍ଷଣ ଉପରେ ମଧ୍ୟ ଅତିଥିମାନେ ବ୍ୟାପକ ଆଲୋଚନା ସହ ଏ କ୍ଷେତ୍ର ପାଇଁ କୁଶଳୀ ମାନବ ସମ୍ବଳର ସୃଷ୍ଟି ନେଇ ବକ୍ତାମାନେ ଗୁରୁତ୍ୱାରୋପ କରିଛନ୍ତି।

ଏହି କର୍ମଶାଳାରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ନିର୍ଦ୍ଦେଶକ (ନିଯୁକ୍ତି) ରଶ୍ମିତା ପଣ୍ଡା, ଗ୍ରୀଡ୍‌କୋର ନିର୍ଦ୍ଦେଶକ (ଫାଇନାନ୍ସ ଏବଂ କର୍ପୋରେଟ୍) ଗଗନ ବିହାରୀ ସ୍ୱାଇଁ, ଆଭାଡାର ଅଧ୍ୟକ୍ଷ ପ୍ରଶାନ୍ତ ଚୌବେ, ଓସିଆଇଓଆର୍ ଏନର୍ଜିର ସିଓଓ ମୁରଲୀ ସୁବ୍ରମଣ୍ୟମ୍, ଏସ୍‌ସିଜିଜେର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ପିତା ଶର୍ମା, ରାଜ୍ୟ ଶକ୍ତି ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ପ୍ୟାରୀମୋହନ ମିଶ୍ର, ଟାଟା ଷ୍ଟିଲ୍ ସ୍ୱତନ୍ତ୍ର ଆର୍ଥିକ ଜୋନ୍‌ର ପରିଚାଳନା ନିର୍ଦ୍ଦେଶକ ମଣିକାନ୍ତ ନାଏକ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରତିନିଧି ତଥା ଶକ୍ତି କ୍ଷେତ୍ର ସହ ଜଡ଼ିତ ବହୁ ବିଶେଷଜ୍ଞ ଏବଂ ବୁଦ୍ଧିଜୀବୀ ମଧ୍ୟ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ସମଗ୍ର ବିଶ୍ୱ ସହ ଭାରତରେ ମଧ୍ୟ ଅକ୍ଷୟ ଉର୍ଜାର ବିକଳ୍ପ ଭାବେ ଗ୍ରୀନ୍ ହାଇଡ୍ରୋଜେନ୍‌କୁ ସର୍ବାଧିକ ଗୁରୁତ୍ୱାରୋପ କରାଯାଉଛି। ଏପରିକି ଗ୍ଲୋବାଲ ୱାର୍ମିଂ ଉପରେ ନିୟନ୍ତ୍ରଣ ସହ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବା ଦିଗରେ ଏହା ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇପାରିବ ବୋଲି ମଧ୍ୟ କୁହାଯାଉଛି। ବର୍ତ୍ତମାନ ଭାରତ ସହ ଓଡ଼ିଶାରେ ମଧ୍ୟ ଗ୍ରୀନ୍ ହାଇଡ୍ରୋଜେନ୍ କ୍ଷେତ୍ରରେ ବ୍ୟାପକ ନିବେଶ ଆରମ୍ଭ ହୋଇଥିବାବେଳେ ରାଜ୍ୟରେ ଏହା ଆଗାମୀ ଦିନରେ ଶକ୍ତି ଚାହିଦା ବୃଦ୍ଧି ଏବଂ ନିଯୁକ୍ତି କ୍ଷେତ୍ରରେ ଏକ ବଡ଼ ଭୂମିକା ଗ୍ରହଣ କରିବ ବୋଲି କୁହାଯାଉଛି।

# କିସ୍ ପରିଦର୍ଶନକଲେ ଚନ୍ଦ୍ରଶେଖର

ଭୁବନେଶ୍ୱର,୧୪।୮

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଜେମିନି ଏଡିବିଲ୍ସ ଫାଷ୍ଟ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ବରିଷ୍ଠ ଉପସଭାପତି (ସେଲ୍ସ ଏବଂ ମାର୍କେଟିଂ) ଚନ୍ଦ୍ରଶେଖର ରେଡ୍ଡି ବୁଧବାର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ୍ (କିସ୍) ପରିଦର୍ଶନ କରିଥିଲେ। ଏହି ଅବସରରେ କମ୍ପାନୀର ଓଡ଼ିଶା ହେଡ୍ ଅମିୟ ଧଳ ମଧ୍ୟ ତାଙ୍କ ସହ କିସ୍ ପରିଦର୍ଶନ କରିଥିଲେ। ଏପରିକି କିସ୍ ପକ୍ଷରୁ ପ୍ରଥମେ ଚନ୍ଦ୍ରଶେଖରଙ୍କୁ ପୁଷ୍ପଗୁଚ୍ଛ ଦେଇ କିସ୍ ପରିସରକୁ ସ୍ୱାଗତ କରାଯାଇଥିଲା। ପରେ ପରେ ସେ କମ୍ପାନୀ ପକ୍ଷରୁ ପାଠପଢ଼ାରେ ସାହାଯ୍ୟ ସହଯୋଗ କରାଯାଉଥିବା କିସ୍‌ର ଯୁକ୍ତ୩ର ଛାତ୍ରୀଙ୍କୁ ଭେଟି ସେମାନଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ। ଏହା ସହ ସେମାନଙ୍କ ପାଠପଢ଼ା ସମ୍ପର୍କରେ ପଚାରି ବୁଝିଥିଲେ। ପରେ କିସ୍‌ର ସମସ୍ତ ବିଭାଗ ବୁଲି ଏହାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ସେ ଭୂୟସୀ ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ କିସ୍ ପକ୍ଷରୁ ଚନ୍ଦ୍ରଶେଖରଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ.ପ୍ରଶାନ୍ତ କୁମାର ରାଉତରାୟ, ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ପାତ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୧୪।୮

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୫୦ (୧୪୯.୮୫) ପଏଣ୍ଟ ବଢ଼ି ୭୯,୧୦୬ (୭୯,୧୦୫.୮୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୫(୪.୭୫) ପଏଣ୍ଟ ବୃଦ୍ଧି ଘଟି ୨୪,୧୪୪(୨୪,୧୪୩.୭୫) ଅଙ୍କରେ କାରବାର ଶେଷ କରିଥିଲା।








































**ରକ୍ତଦାନ ଶିବିର କରି ହର୍ ଘର୍ ତ୍ରିରଙ୍ଗା ଅଭିଯାନ**

ଜଟଣୀ,(ରବୀନ୍ଦ୍ରନାଥ ମହାକୁଡ଼) ଜଟଣୀ ତରାବୋଇସ୍ଥ ସ୍କିଲ ଡେଭେଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଭୁବନେଶ୍ୱର ଭାରତୀୟ ରେଡ୍‌କ୍ରସ ସୋସାଇଟି ସହଯୋଗରେ ଏକ ରକ୍ତଦାନ ଶିବିର କରି ହର୍ ଘର୍ ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମ ବୁଧବାର ପାଳନ କରାଯାଇଛି। ଶିବିରରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଶିକ୍ଷକ ଭାଗ ନେଇ ରକ୍ତଦାନ କରିଥିଲେ।

# ଗଳା କାଟି ହତ୍ୟା, କାରଣ ଅସ୍ପଷ୍ଟ

ଜଟଣୀ,୧୪।୮(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ଥାନା ଅଧୀନ କୁଦିଆରୀ ରଙ୍ଗଣୀ ସାହିରେ ଜଣେ ଯୁବକଙ୍କ ଗଳାକାଟି ହତ୍ୟା କରାଯାଇଛି। ରଙ୍ଗଣୀ ସାହିସ୍ଥିତ ଜାଗେଶ୍ୱରୀ କ୍ଲବ ପଛ ପାର୍ଶ୍ୱରେ ଥିବା ଗୋଷ୍ଠୀ ସଭାଗୃହ ଭିତରେ ଗଳାକଟା ଅବସ୍ଥାରେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଡେଲାଙ୍ଗ ଥାନା ଅନ୍ତର୍ଗତ ବଅଙ୍ଗ ଗ୍ରାମର ପ୍ରଫୁଲ୍ଲ ବାରିକ। ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ଜଟଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

ସ୍ଥାନୀୟ ଲୋକଙ୍କ କହିବା ମୁତାବକ ଘଟଣା ଘଟିଥିବା ସ୍ଥାନରେ ସବୁବେଳେ ପ୍ରଫୁଲ୍ଲ ଓ ତାଙ୍କ ସହିତ ୩ ରୁ ୪ ଜଣ ମଦ ପିଇ ବସାଉଠା କରିଥାନ୍ତି। ବୁଧବାର ମଧ୍ୟ ସେମାନେ ଏହି ସ୍ଥାନରେ ବସିଥିଲେ। କିଛି ପୂର୍ବ ଶତ୍ରୁତାରୁ ପ୍ରଫୁଲ୍ଲଙ୍କୁ ଗଳା କାଟି ହତ୍ୟା କରାଯାଇଥିବା ସ୍ଥାନୀୟ ବାସିନ୍ଦା ଓ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଘଟଣାରେ ଜଟଣୀ ପୋଲିସ ସହିତ ଭୁବନେଶ୍ୱର ଜୋନ୍-୩ ଏସିପି ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତକରି ଘଟଣା ସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିଥିବା ଜଣାପଡିଛି। ହତ୍ୟାକାଣ୍ଡସ୍ଥଳରେ ଭଙ୍ଗା ବୋତଲ ଏବଂ କିଛି ମଦ ବୋତଲ ରହିଥିବାରୁ ମଦ ନିଶାରେ କୌଣସି କାରଣକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ଏଥିସହ ଖୁବ୍ ଶୀଘ୍ର ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରାଯିବ ବୋଲି ଏସିପି ଜୋନ୍-୩ କହିଛନ୍ତି। ସୂଚନାଥାଉ କି, ଗତ ସପ୍ତାହରେ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଧୀନରେ ଘଟିଥିବା ଡବଲ ମର୍ଡର କଥା ଲୋକଙ୍କ ମନରୁ ନ ଲିଭୁଣୁ ବୁଧବାର ଜଟଣୀରେ ଆଉ ଏକ ବୀଭତ୍ସ ହତ୍ୟା ସ୍ଥାନୀୟ ଅଞ୍ଚଳରେ ଭୟରେ ପରିବେଶ ସୃଷ୍ଟି କରିଛି। ଏଥିସହ କମିଶନରେଟ ପୋଲିସର ପାଟ୍ରୋଲିଂ ଏବଂ ଅସାମାଜିକ ବ୍ୟକ୍ତି, ଜେଲ ଫେରନ୍ତାଙ୍କ ଗତିବିଧି ଉପରେ ନଜର ରଖିବାକୁ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।



ପ୍ରଫୁଲ୍ଲ ବାରିକ

## ସଂକ୍ଷେପରେ

### ପୂର୍ବତଟ ରେଳପଥ ମେକାନିକାଲ ରିକ୍ରିଏଶନ କ୍ଲବ୍‌ର ସାଂସ୍କୃତିକ କାର୍ଯ୍ୟକ୍ରମ



ଜଟଣୀ,୧୪।୮(ରବୀନ୍ଦ୍ରନାଥ ମହାକୁଡ଼)

୭୮ତମ ସ୍ୱାଧୀନତା ଦିବସକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥ ମେକାନିକାଲ ରିକ୍ରିଏଶନ କ୍ଲବର ସାଂସ୍କୃତିକ କାର୍ଯ୍ୟକ୍ରମ ଜଟଣୀ ପୌରାଞ୍ଚଳ ଅଧୀନ ଟ୍ରାଫିକ କଲୋନିସ୍ଥ ବିଜେବି ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ବୁଧବାର ଆୟୋଜିତ ହୋଇଯାଇଛି।

### ସରକାର ସଚେତନ ଅଛନ୍ତି: ମନମୋହନ

ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ପ୍ରସଙ୍ଗ

ଖୋର୍ଦ୍ଧା,୧୪।୮(ପ୍ରଭାତ ପାଣିଗ୍ରାହୀ)

ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ତୁରନ୍ତ ଓଡ଼ିଶାରୁ ହଟାଇବା ପାଇଁ ସାଧାରଣରେ ଦାବି ହେଉଛି। ବୁଧବାର ଖୋର୍ଦ୍ଧା ଜିଲାସ୍ତରୀୟ ତ୍ରିରଙ୍ଗା ପଦଯାତ୍ରାରେ ଯୋଗଦାନ ଅବସରରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏନେଇ ସଚେତନ ଅଛନ୍ତି। ଅନୁପ୍ରବେଶକାରୀ ଯେପରି ଦେଶରେ ପଶିପାରିବେ ନାହିଁ, ସେଥିଲାଗି ସମସ୍ତ ସୀମା ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ରାଜ୍ୟରେ ବାଂଲାଦେଶୀଙ୍କୁ ଚିହ୍ନଟ ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପଶ୍ଚିମବଙ୍ଗରେ ଜଣେ ଡାକ୍ତରଙ୍କୁ ହତ୍ୟା ଘଟଣାର ଦୃଢ ନିନ୍ଦା କରିବା ସହ ବାଂଲାଦେଶ ପ୍ରସଙ୍ଗରେ କହିଛନ୍ତି, ପ୍ରଧାନମନ୍ତ୍ରୀ ଏହାକୁ ଗୁରୁତ୍ୱର ସହ ନେଇଛନ୍ତି। ଏଥିଲାଗି ବିଚାରବିମର୍ଶ ଚାଲିଛି। ଓଡ଼ିଶା ଶାନ୍ତିପ୍ରିୟ ରାଜ୍ୟ। ଏଭଳି ବର୍ବରତା ଏଠାରେ ଦେଖିବାକୁ ମିଳେ ନାହିଁ। ପଶ୍ଚିମବଙ୍ଗରେ ଯାହା ଘଟିଛି, ତାହା ଅତ୍ୟନ୍ତ ନିନ୍ଦନୀୟ। ପଶ୍ଚିମବଙ୍ଗ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ଷଡ଼ଙ୍ଗୀ କହିଛନ୍ତି।

### ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଦ୍ୱାରା ହର୍ ଘର୍ ତ୍ରିରଙ୍ଗା ଅଭିଯାନ

ଜଟଣୀ,୧୪।୮(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳର ବିଭିନ୍ନ ରେଳ ଷ୍ଟେଶନରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନ ଅଧୀନରେ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଅଭିଯାନର ଏକ ଅଂଶ ଭାବେ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେଶନ ଏବଂ ଟ୍ରେନରେ ହର୍ ଘର୍ ତ୍ରିରଙ୍ଗା ଆନ୍ଥେମ୍ ବଜାଯାଉଛି। ସେଲ୍ଫି କର୍ନର ସ୍ଥାପନ କରାଯାଇଛି। ରେଳ ଷ୍ଟେଶନରେ ବାର୍ତ୍ତା ପ୍ରଦର୍ଶିତ ହୋଇ ଯାତ୍ରୀଙ୍କୁ ଘରେ ଜାତୀୟ ପତାକା ଉତ୍ତୋଳନ କରି ହର୍ ଘର୍ ତ୍ରିରଙ୍ଗା ଅଭିଯାନରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରାଯାଉଛି। ଏହି ଅଭିଯାନରେ ଅଂଶଗ୍ରହଣ କରି ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍ ଏସ୍ ବାଜା ତାଙ୍କ ବାସଭବନରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅଭିଯାନରେ ସକ୍ରିୟ ଅଂଶଗ୍ରହଣ କରିବାକୁ ସେ ଖୋର୍ଦ୍ଧାରୋଡ଼ ମଣ୍ଡଳର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଅନୁରୋଧ କରିଛନ୍ତି।

### ନୂଆଗାଁ ପ୍ରାଥମିକ ବିଦ୍ୟାଳୟରେ ହର୍ ଘର୍ ତ୍ରିରଙ୍ଗା

ଟାଙ୍ଗୀ ଖୋର୍ଦ୍ଧା,୧୪।୮(ରଘୁନାଥ ସାହୁ)

ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ବୁଧବାର ନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ସମ୍ପାଦକ ପ୍ରସନ୍ନ ଶ୍ରୀଚନ୍ଦନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୧୯୫୬ ମସିହାର ପୁରାତନ ଛାତ୍ର ମାନସ ରଞ୍ଜନ ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ହାତରେ ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରାରେ ଭାଗନେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କୋକିଳ ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ସନ୍ତୋଷ ବେହେରା ଧନ୍ୟବାଦ ଦେଇଥିଲେ।

# ୨ ବିଦ୍ୟାଳୟରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ



ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ।

ଟାଙ୍ଗୀ(ଖୋର୍ଦ୍ଧା),୧୪।୮(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅଧୀନ କୁହୁଡ଼ି କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଏହି ବ୍ଲକ ଅଧୀନ ନୂଆ ଗାଁ ପ୍ରାଥମିକ ବିଦ୍ୟାଳୟରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଟାଙ୍ଗୀ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ଭାବେ ପ୍ରାଥମିକ ଶିକ୍ଷକ ସଂଘ ଜିଲା ସମ୍ପାଦକ ପ୍ରସନ୍ନ ଶ୍ରୀଚନ୍ଦନ, ଶିକ୍ଷକ ସମରେଶ୍ରୁ ବେହେରା, ଶୈଳବାଳା ମହାରଣା, ସସ୍ମିତା ଦଳବେହେରା, ସୁଚିତ୍ରା ରାଉତରାୟ, ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିଥିବା ବିପ୍ଳବୀଙ୍କ ବୀରତ୍ୱ ଉପରେ ଅତିଥି ଭାବେ ଭାବାବେଗ ଉଦ୍‌ବୋଧନ ଦେଇଥିଲେ। ଛାତ୍ରୀଛାତ୍ର ଦେଶାତ୍ମବୋଧକ ସଙ୍ଗୀତ ଗାନ କରିବା ସଙ୍ଗେ ସଙ୍ଗେ ସ୍ଲୋଗାନ ଦେଇଥିଲେ। ଅନୁରାଗ ଦାସ ଧନ୍ୟବାଦ ଦେଇଥିଲେ। ଅନୁରୂପ ଭାବେ ସରକାରୀ ପ୍ରାଥମିକ ବିଦ୍ୟାଳୟ ନୂଆ ଗାଁରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ କୋକିଳା ଦେଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଇଓ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନସରଞ୍ଜନ ସ୍ୱାଇଁ, ଶିକ୍ଷକ ସନ୍ତୋଷ ବେହେରା ଅତିଥି ଭାବେ ଯୋଗଦେଇଥିଲେ।

## ମା'ଭଗବତୀଙ୍କ ଭିତର ହୁଣ୍ଡିରୁ ମିଳିଲା ୧,୪୭,୪୨୪ ଟଙ୍କା, ସ୍ୱର୍ଣ୍ଣ ଅଳଙ୍କାର

ବାଣପୁର,୧୪।୮(ଦିଲୀପ ସ୍ୱାଇଁ)

ଦୀର୍ଘ ୬ ମାସର ବ୍ୟବଧାନ ପରେ ମା' ଭଗବତୀଙ୍କ ମନ୍ଦିରର ଭିତର ହୁଣ୍ଡି ବୁଧବାର ଖୋଲାଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ସ୍ଥାନୀୟ ତହସିଲଦାର ଟି. ପଦ୍ମନାଭ ଦୋରା, ପୋଲିସ ଅଧିକାରୀ, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସଙ୍କ ସମେତ ମଣ୍ଡଳ ଉନ୍ନୟନ ଅଧିକାରୀ ଶୀତଲ ଅଗ୍ରୱାଲା, ବିଜ୍ଞାପିତ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ କାଦମ୍ବିନୀ ଜେନା ପ୍ରମୁଖ ମା'ଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୂଜାର୍ଚ୍ଚନା ପରେ ସମର୍ପିତ ହୋଇ ମା'ଙ୍କ ଭିତର ହୁଣ୍ଡି ଖୋଲିଥିଲେ। ଏଥିରୁ ସମୁଦାୟ ୧ ଲକ୍ଷ ୪୭ ହଜାର ୪୨୪ ଟଙ୍କା ସହ ଏକ ସୁନାର କାନ ଫୁଲ ଏବଂ ରୁପାର ବିଭିନ୍ନ ଅଳଙ୍କାର ସଂଗ୍ରହ କରାଯାଇଛି। ସଂଗୃହୀତ ଅର୍ଥକୁ ସ୍ଥାନୀୟ ୟୁକୋ ବ୍ୟାଙ୍କରେ ମା'ଙ୍କ କାର୍ଯ୍ୟାଳୟ ନାମରେ ଥିବା ଜମା ଖାତାରେ ଜମା ରଖାଯିବା ସହିତ ସୁନା, ରୁପା ଗହଣା କାର୍ଯ୍ୟାଳୟ ଟ୍ରେଜେରିରେ ରଖାଯାଇଛି। ଏଥିରେ କାର୍ଯ୍ୟାଳୟର କର୍ମଚାରୀଙ୍କ ସମେତ ମନ୍ଦିରର ସେବାୟତମାନେ ସହଯୋଗ କରିଥିଲେ। ଏହି ଦାନ ଅର୍ଥ ମା'ଙ୍କ ଦୈନନ୍ଦିନ ନୀତିକାନ୍ତି ସେବାରେ ଲାଗିବ ବୋଲି ମନ୍ଦିର କାର୍ଯ୍ୟାଳୟରୁ କୁହାଯାଇଛି।

**ସେଲ୍ଫ କର୍ନର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ରାଜଲକ୍ଷ୍ମୀ



@ କ୍ଷୀରୋଦ



@ ଲିପୁ



@ ନୀର୍ବିକଳ୍ପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବୋଲଗଡ଼ରେ ବିଭାଜନ ବିଭୀଷିକା ସ୍ମୃତି ଦିବସ





ବିଭାଜନ ବିଭୀଷିକା ସ୍ମୃତି ଦିବସରେ ମଞ୍ଚାସୀନ ଅତିଥି।

ବୋଲଗଡ଼,୧୪।୮(ଦେବବ୍ରତ ହୋତା)

ବୋଲଗଡ଼ ନନ୍ଦିଘୋଷ ଭବନଠାରେ ବୁଧବାର ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସେଣ୍ଟ୍ରାଲ ବ୍ୟୁରୋ ଅଫ୍ କମ୍ୟୁନିକେଶନ ମୁଖ୍ୟ ଅଧିକାରୀ ମହେନ୍ଦ୍ର ଜେନା ଓ ସମ୍ମାନିତ ଅତିଥି ରୂପେ ଭାଜପା ନେତା ବିଶ୍ୱଜିତ୍ ସ୍ୱାଇଁ, ଶ୍ରୀରଞ୍ଜନ ମଙ୍ଗରାଜ, ସ୍ଥାନୀୟ ମହାବିଦ୍ୟାଳୟ ଅଧ୍ୟକ୍ଷା ସଂଯୁକ୍ତା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରାଯିବା ସହିତ ବିଭାଜନ ବିଭୀଷିକା ସମ୍ପର୍କିତ ଏକ ଫଟୋଚିତ୍ର ପ୍ରଦର୍ଶନୀ କରାଯାଇଥିଲା। ଭାଜପା ଖୋର୍ଦ୍ଧା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ନିର୍ବାଚନମଣ୍ଡଳୀରେ ଭାଜପାର ପ୍ରକାଶ ଚନ୍ଦ୍ର ବିଜୁଳି, ଜିଲା କୃଷକ ମୋର୍ଚ୍ଚା ସଦସ୍ୟ ବିଶ୍ୱଜିତ୍ ସ୍ୱାଇଁ, ବରିଷ୍ଠ ନେତା ରବୀନ୍ଦ୍ର ପରିଡ଼ା, ଜିଲା ପରିଷଦ ସଭ୍ୟ ଅନାଦି ସାହୁ, ରାଜ୍ୟ ପରିଷଦ ସଦସ୍ୟ ଲୋତକବିନ୍ଦୁ ପଟ୍ଟନାୟକ, ଯୁବନେତା ରବୀନ୍ଦ୍ର ସୁବୁଦ୍ଧି, ଭାଜପା ଜିଲା ସଂଯୋଜକ ଶିବପ୍ରସାଦ ମିଶ୍ର, ଜିଲା ସହ ସଂଯୋଜକ ସୁବାସ ଚନ୍ଦ୍ର ମିଶ୍ର ଓ ବୋଲଗଡ଼ ମଣ୍ଡଳ ସଭାପତି ସଞ୍ଜୟ ବେହେରା, ଜିଲା ଓବିସି ସେଲ୍ କର୍ମକର୍ତ୍ତା ଆର୍ତ୍ତବନ୍ଧୁ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ସହ ସଂଯୋଜକ ମିଶ୍ର ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ବୋଲଗଡ଼ ମଣ୍ଡଳ ସଭାପତି ବେହେରା ଧନ୍ୟବାଦ ଦେଇଥିଲେ।

## ଦେଶର ଏକତା ଅଖଣ୍ଡତା ସମସ୍ତଙ୍କ ଦାୟିତ୍ୱ

ଖୋର୍ଦ୍ଧା,୧୪।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଓକିଲ ସଂଘ ଓ ଅଧିବକ୍ତା ପରିଷଦ ପକ୍ଷରୁ ଦେୱାନୀ ଓ ଫୌଜଦାରି ଅଦାଲତ ପରିସରରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ଆଇନଜୀବୀ ସାମିଲ ହୋଇଥିଲେ। ଓକିଲ ସଂଘ ସଭାପତି ଜୀବନଜ୍ୟୋତି ମିଶ୍ର, ସମ୍ପାଦକ ପ୍ରବଞ୍ଜନ ଜେନା, ବରିଷ୍ଠ ଆଇନଜୀବୀ ଲୋତକବିନ୍ଦୁ ପଟ୍ଟନାୟକ, ଶିଶିର ପରିଡା, ପବିତ୍ର ମୋହନ ରାଜଗୁରୁ, ସନତ ପଟ୍ଟନାୟକ ପ୍ରମୁଖ ଦେଶ ପାଇଁ ବଳିଦାନ ଦେଇଥିବା ଶହୀଦମାନଙ୍କୁ ସ୍ମରଣ କରିଥିଲେ। ସେହିପରି ଜିଲା ପ୍ରେସ କ୍ଲବ, ଖୋର୍ଦ୍ଧା ଆନୁକୂଲ୍ୟରେ ସାମ୍ବାଦିକ ଭବନରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କ୍ଲବ ଉପଦେଷ୍ଟା ଖବରଦାତା ତପନ ନାୟକ, ସଭାପତି ଶୁଭ୍ରାଂଶୁ ସାମନ୍ତରାୟ, ସମ୍ପାଦକ ଦିଲୀପ ପଟ୍ଟନାୟକ, ପ୍ରକାଶ ହାତୀ, ସୟଦ ଲିୟାକତ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲୁଗାଁ ମହାବିଦ୍ୟାଳୟରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

ବାଲୁଗାଁ,୧୪।୮(ସଂଗ୍ରାମ ପାଇକରାୟ)

ଭାରତ ସରକାରଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ବାଲୁଗାଁ ମହାବିଦ୍ୟାଳୟର ଏନ୍‌ସିସି, ଏନ୍‌ଏସ୍‌ଏସ୍, ଯୁବ ରେଡ୍‌କ୍ରସର କ୍ୟାଡେଟ୍ ଓ ସ୍ୱେଚ୍ଛାସେବୀ ଜାତୀୟ ପତାକା ଧରି ଚିଲିକା କୂଳରେ ହର୍ ଘର୍ ତ୍ରିରଙ୍ଗା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁକ୍ତ ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ସଂଯୋଜନା କରିଥିଲେ। ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା, ରୀନା ରାଉତ, ଡ. ସନ୍ତୋଷ ରଥ, ମନସ୍ୱିନୀ ପଟ୍ଟନାୟକ, ମେଧାବୀ ଚରଣ ପରିଡ଼ା, ଝରଣା ନାଥ, ସ୍ୱାତୀ ଅମ୍ରିତା ନନ୍ଦ, ପ୍ରମୁଖ ନେତୃତ୍ୱ ନେଇଥିଲେ। ମହାବିଦ୍ୟାଳୟରେ ଯୁକ୍ତ ୨ ଓ ଯୁକ୍ତ ୩ ସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଦୀପ୍ତି ସାହୁ, ପ୍ରଜ୍ଞାସ୍ମିତା ସାହୁ, ସରସ୍ୱତୀ ଘଟୁଆରି, ମିଳିନା ଦାସ, ବିଜୟ ଲକ୍ଷ୍ମୀ ପଣ୍ଡା, ରାନୁପ୍ରିୟା ପରିଡ଼ା ଓ ବିକାଶ କହଲ ସିଂଙ୍କୁ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି ଶୁଭେଚ୍ଛା ଜଣାଇଥିଲେ।

# '୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ'

ଖୋର୍ଦ୍ଧା,୧୪।୮(ପ୍ରଭାତ ପାଣିଗ୍ରାହୀ)

**ଜିଲାସ୍ତରୀୟ ତ୍ରିରଙ୍ଗା ପଦଯାତ୍ରା, ସମାବେଶ**

ଭାରତ ସ୍ୱାଧୀନତାର ୭୮ବର୍ଷରେ ପଦାର୍ପଣ କରିଛି। ଦେଶ ପାଇଁ ଯେଉଁମାନେ ବଳିଦାନ ଦେଇଛନ୍ତି ସେମାନଙ୍କୁ ମନେ ପକାଇବାର ସମୟ ଆସିଛି। ୧୯୪୭ ଦେଶ ବିଭାଜନକୁ ଆମେ ଭୁଲି ନାହୁଁ। ବିଭାଜନରେ ଦେଶର ଅଖଣ୍ଡତା ନଷ୍ଟ ହୋଇଥିଲା। ୧୯୬୨ ଚୀନ ଓ ୧୯୭୨ ପାକିସ୍ତାନ ଯୁଦ୍ଧଠାରୁ କାରଗିଲ ଯୁଦ୍ଧ ପର୍ଯ୍ୟନ୍ତ ଯେଉଁ ଯବାନମାନେ ଦେଶ ପାଇଁ ଶହୀଦ ହୋଇଛନ୍ତି ସେମାନଙ୍କୁ ଯଥୋଚିତ ସମ୍ମାନ ଦେବା ସହ ତ୍ରିରଙ୍ଗାକୁ ନେଇ ଗର୍ବ ଅନୁଭବ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହର୍ ଘର୍ ତ୍ରିରଙ୍ଗା ଅଭିଯାନ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ଜାତୀୟତା ଓ ରାଷ୍ଟ୍ରଭକ୍ତି ଜାଗ୍ରତ କରୁଛି ବୋଲି ବୁଧବାର ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ତ୍ରିରଙ୍ଗା ସମାବେଶରେ ଯୋଗଦେଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ସମାବେଶରେ ଜିଲାପାଳ ଚଞ୍ଚଳ ରାଣା ସଭାପତିତ୍ୱ କରିଥିଲେ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଲେ, ୨୦୪୭ ସୁଦ୍ଧା ବିକଶିତ ଭାରତ ଏବଂ ବିଶ୍ୱରେ ଭାରତକୁ ୩ୟ ବୃହତ ଅର୍ଥନୈତିକ ରାଷ୍ଟ୍ରରେ ପରିଣତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ସମସ୍ତଙ୍କ ସହଯୋଗ ଜରୁରୀ। ଏକ ପ୍ରଗତିଶୀଳ ରାଷ୍ଟ୍ର ଗଠନ ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ଦାୟିତ୍ୱ ପ୍ରତି ସଚେତନ ହେବାକୁ ଷଡ଼ଙ୍ଗୀ ଆହ୍ୱାନ ଦେଇଥିଲେ। ବିଧାୟକ ପ୍ରଶାନ୍ତ ଜଗଦ୍ଦେବ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଆଇଓସିଏଲର ଅବୈତନିକ ନିର୍ଦ୍ଦେଶକ ସୁଦିପ୍ତ ରାୟ ଧନ୍ୟବାଦ ଦେଇଥିଲେ। ଜିଲାପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଜିଲା ଆରକ୍ଷୀ ଅଧୀକ୍ଷକ ଦାୟିତ୍ୱରେ ଥିବା ଡିଆଇଜି ଅବିନାଶ କୁମାର, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଅତିରିକ୍ତ ଏସ୍‌ପି ସୁରେନ୍ଦ୍ରନାଥ ମୁର୍ମୁ ପ୍ରମୁଖ ସାମିଲ ହୋଇଥିଲେ। ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବିଜେବି ହାଇସ୍କୁଲ ଖେଳପଡ଼ିଆ ପର୍ଯ୍ୟନ୍ତ ୨କିମି ବ୍ୟାପି ତ୍ରିରଙ୍ଗା ପଦଯାତ୍ରା ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଏନ୍‌ସିସି, ସ୍କାଉଟ୍ସ, ଗାଇଡ୍ସ, ଜନସାଧାରଣଙ୍କ ସମେତ ସରକାରୀ ଅଧିକାରୀମାନେ ତ୍ରିରଙ୍ଗା ଧରି ପଦଯାତ୍ରା କରିଥିଲେ।



ଜିଲାସ୍ତରୀୟ ତ୍ରିରଙ୍ଗା ଅବସରରେ ଜିଲାପାଳ ଚଞ୍ଚଳ ରାଣା, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଅନ୍ୟମାନେ।

## ଏମ୍‌ପିଙ୍କ ହାତରେ ରାଖୀ ବାନ୍ଧିଲେ ବିଧାୟିକା



କୃଷ୍ଣପ୍ରସାଦ, ୧୪।୮(କୈଳାସ ଚନ୍ଦ୍ର ପଟ୍ଟନାୟକ)

ରକ୍ଷାବନ୍ଧନ ଏକ ଭାଇଚାରାର ପର୍ବ। ଆସନ୍ତା ୧୯ ତାରିଖରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହେବାକୁ ଥିବାବେଳେ ଏହି ଉପଲକ୍ଷେ ବୁଧବାର ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ରଙ୍କ ହାତରେ ରାଖୀ ବାନ୍ଧିଛନ୍ତି। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ଅନେକ ସମସ୍ୟା ରହିଥିବାବେଳେ ଏମ୍‌ପି ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ଅଗ୍ରାଧିକାର ଭିତ୍ତିରେ ଦୃଷ୍ଟି ଦେବାକୁ ବିଧାୟିକା ନିବେଦନ କରିଛନ୍ତି। ଏଥିସହ ରାଖୀ ବାନ୍ଧି ଏହି ବାର୍ତ୍ତା ଦେଇଥିବା ସାଧାରଣରେ ଆଲୋଚନା ହେଉଛି। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ସହିତ ଜଡ଼ିତ ଅନେକ କିଛି ରୋଚକ ତଥ୍ୟ ଏହି ରାଖୀରେ ସ୍ଥାନ ପାଇଥିବା ଜଣାପଡ଼ିଛି। ଏମ୍‌ପି ଓ ବିଧାୟିକାଙ୍କ କୃଷ୍ଣପ୍ରସାଦ ଅଞ୍ଚଳକୁ ଗସ୍ତ ସମୟରେ ଏହି ରକ୍ଷା ବନ୍ଧନ ପର୍ବ ପାଳିତ ହୋଇଥିଲା।

## ସଂକ୍ଷେପରେ

### ସିଟି ହସ୍ପିଟାଲରେ ଗଦା ହୋଇଛି ସାନିଟାରି ନାପ୍‌କିନ୍
**ସୋସିଆଲ ମିଡିଆରେ ଭିଡିଓ ଭାଇରାଲ**



କଟକ,୧୪।୮(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲା ମୁଖ୍ୟ ଚିକିତ୍ସାଳୟ (ସିଟି ହସ୍ପିଟାଲ)ରେ ଶତାଧିକ ସାନିଟାରି ନାପ୍‌କିନ୍ ଗଦା ହୋଇଥିବା ଭିଡିଓ ବୁଧବାର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମେଡିକାଲ କର୍ତ୍ତୃପକ୍ଷ ଯୁବତୀ ଓ ମହିଳାଙ୍କୁ ନିଃଶୁଳ୍କରେ ବଣ୍ଟନ କରିବା ବଦଳରେ ଗଦା କରି ଏହାକୁ ନଷ୍ଟ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଏଡିଏମ୍‌ଓ ଦାୟିତ୍ୱରେ ଥିବା ଡା. ଅରୁଣ କୁମାର ସାହୁ କହିଛନ୍ତି, ଘଟଣାର ସତ୍ୟାସତ୍ୟ ନ ଜାଣି କେବଳ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ବଦନାମ୍ କରିବାକୁ ଚେଷ୍ଟା କରାଯାଉଛି। ୨୦୧୯ରେ ଏକ କମ୍ପାନୀ ଏହି ସାନିଟାରୀ ନାପ୍‌କିନ୍ ଯୋଗାଇ ଦେଇଥିଲା। କୋଭିଡ୍ ମହାମାରୀ ସମୟରେ ଏହା ବଣ୍ଟନ କରାଯାଇଥାନ୍ତା। ହେଲେ ଏହା ନିମ୍ନମାନର ଯୋଗୁ ବଣ୍ଟନ କରାଯାଇ ନ ଥିଲା। ଉକ୍ତ କମ୍ପାନୀକୁ ଏହା ଫେରସ୍ତ କରାଯାଇଥିଲା। ହେଲେ ନାପକିନ୍‌ଗୁଡିକୁ ନ ନେଇ ସିଟି ହସ୍ପିଟାଲ ପରିସରରେ କମ୍ପାନୀ କର୍ମଚାରୀ ଗଚ୍ଛିତ କରି ରଖିଥିଲେ। ଏବେ ନୂତନ କୋଠା ନିର୍ମାଣ ନିମନ୍ତେ ଉଚ୍ଛେଦ କାର୍ଯ୍ୟ ଚାଲିଥିବାବେଳେ ନାପ୍‌କିନଗୁଡିକ ବିଛାଇ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି ବୋଲି ସାହୁ କହିଛନ୍ତି।

### ଅନୟ ପାଇଲେ ଗଜ ଗୌରବ ସମ୍ମାନ



ଖୁଣ୍ଟୁଣୀ,୧୪।୮(ସଚ୍ଚିଦାନନ୍ଦ ପଣ୍ଡା)

ଛତିଶଗଡ଼ ସରକାର ଓ କେନ୍ଦ୍ର ପରିବେଶ ଜଙ୍ଗଲ ବିଭାଗ ମିଳିତ ସହଯୋଗରେ ରାୟପୁରଠାରେ ଅନ୍ତର୍ଜାତୀୟସ୍ତରୀୟ ବିଶ୍ୱ ହସ୍ତୀ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ଜିଲା ଆଠଗଡ଼ ବନଖଣ୍ଡର ଖୁଣ୍ଟୁଣୀ ବନାଞ୍ଚଳରେ କାର୍ଯ୍ୟରତ ପାରା ଜଙ୍ଗଲ କର୍ମଚାରୀ ଅନୟ କୁମାର ସାମଲଙ୍କୁ କେନ୍ଦ୍ର ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଗଜ ଗୌରବ-୨୦୨୪ ସମ୍ମାନ ପ୍ରଦାନ କରାଯାଇଛି। ଖୁଣ୍ଟୁଣୀ ବନାଞ୍ଚଳରେ ହାତୀଙ୍କ ସମେତ ବିଭିନ୍ନ ବନ୍ୟପ୍ରାଣୀଙ୍କ ସୁରକ୍ଷା ପ୍ରତି ଅନୟ ଯତ୍ନଶୀଳ ହେବା ସହ ନିଜ ଉଦ୍ୟମରେ ହାତୀ-ମଣିଷ ଲଢେଇକୁ ରୋକିବାରେ ସଫଳ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସଏ, କେନ୍ଦ୍ରମନ୍ତ୍ରୀ କେଦାର କଶ୍ୟପଙ୍କ ସମେତ ବହୁ ପଦାଧିକାରୀଙ୍କ ଉପସ୍ଥିତିରେ ଅନୟଙ୍କୁ ସମ୍ମାନିତ କରାଯାଇଥିବା ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ କହିଛନ୍ତି।

### ଥଇଥାନ ହେବେ ୮ ବ୍ୟବସାୟୀ

ମଙ୍ଗୁଳି-ଜଗତପୁର,୧୪।୮(ମାନସ ସାମଲ)

ଚୌଦ୍ୱାର ଥାନା ଅଧୀନ କଜଳକଣାର ବିସ୍ଥାପିତ ହେବାକୁ ଥିବା ୮ ବ୍ୟବସାୟୀ ଥଇଥାନ ହେବେ। ଏନେଇ ଟାଙ୍ଗୀ-ଚୌଦ୍ୱାର ତହସିଲ ପ୍ରଶାସନ ପକ୍ଷରୁ ବୁଧବାର ଅପରାହ୍ନରେ ଜମି ଚିହ୍ନଟ କରାଯାଇଛି। ଆସନ୍ତା ୪ ମାସ ମଧ୍ୟରେ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣୀପଦା ଗ୍ରାମବାସୀ କଜଳକଣା ବଜାରରେ ଥିବା ସରକାରୀ ଜାଗାରେ ଦୀର୍ଘ ୨୫ବର୍ଷ ଧରି ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ଗତ ଜୁଲାଇ ୧୫ରେ ତହସିଲ ପ୍ରଶାସନ ବିନା ସୂଚନାରେ ବ୍ୟବସାୟ ପ୍ରତିଷ୍ଠାନଗୁଡିକୁ ଉଚ୍ଛେଦ କରିବାକୁ ଆସିଥିଲା। ବ୍ୟବସାୟୀ ବିରୋଧ କରିବାରୁ ଉଚ୍ଛେଦ ବନ୍ଦ କରାଯାଇଥିଲା। ସ୍ଥାନୀୟ ମୁରବି ପହଲୀ ସ୍ୱାଇଁ, ଭାଜପାର ବରିଷ୍ଠ ନେତା ସନ୍ତୋଷ କୁମାର ମହାନ୍ତିଙ୍କ ସମେତ କେତେଜଣ ବ୍ୟବସାୟୀ ମୁଖ୍ୟମନ୍ତ୍ରୀ ଓ କଟକ ଏମ୍‌ପିଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଆର୍‌ଆଇ ସୌମ୍ୟ ରଞ୍ଜନ ସାଇଁ, ଅମୀନ ଅକ୍ଷୟ ବେହେରା ଏହି ଜମି ଚିହ୍ନଟ କରି ତହସିଲ ପ୍ରଶାସନକୁ ରିପୋର୍ଟ ପ୍ରଦାନ କରିଛନ୍ତି।

# ସ୍ୱାୟତ୍ତ ଶାସନ ଦିବସ ପାଇଁ ୧୪ ଲକ୍ଷ ବଜେଟ

**ସିଏମ୍‌ସିର ସାଧାରଣ ଅଧିବେଶନ**

■ ବିଭିନ୍ନ ପ୍ରସଙ୍ଗକୁ ନେଇ କର୍ପୋରେଟରଙ୍କ ହଟ୍ଟଗୋଳ

କଟକ,୧୪।୮ (କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ (ସିଏମ୍‌ସି)ର ସାଧାରଣ ଅଧିବେଶନ ବିଜୁ ଭବନ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକ ଆରମ୍ଭରୁ କଂଗ୍ରେସ କର୍ପୋରେଟରମାନେ ବିଭିନ୍ନ ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରିଥିଲେ। କୌଣସି ଷ୍ଟାଣ୍ଡିଂ କମିଟି ବୈଠକ ନ ହୋଇ ସାଧାରଣ ଅଧିବେଶନ କିପରି ଡକାଗଲା ବୋଲି ବିରୋଧୀ କର୍ପୋରେଟରମାନେ ପ୍ରଶ୍ନ କରିଥିଲେ। ଏହାକୁ ନେଇ ଅନେକ ସମୟ ପର୍ଯ୍ୟନ୍ତ ଯୁକ୍ତିତର୍କ ଲାଗିଥିଲା। ଆସନ୍ତା ସ୍ୱାୟତ୍ତ ଶାସନ ଦିବସ ପାଇଁ କଲଟ୍ରାଲ ଷ୍ଟାଣ୍ଡିଂ କମିଟି ଦ୍ୱାରା ଗଠିତ କମିଟିରେ ଅନେକ କର୍ପୋରେଟରଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଚଳିତବର୍ଷ କେବଳ ସ୍ୱାୟତ୍ତ ଶାସନ ଦିବସ ପାଳନ ପାଇଁ ୧୪ ଲକ୍ଷ ୧୦ ହଜାର ଟଙ୍କା ବଜେଟ ଅନୁମୋଦନ ହୋଇଛି। ଏଥିରେ ବକ୍ତୃତା ପ୍ରତିଯୋଗିତା, ବିଭିନ୍ନ ସ୍ଥାନରେ ତୋରଣ ନିର୍ମାଣ, ଫଳ ବଣ୍ଟନ, ରକ୍ତଦାନ ଶିବିର, ଶୋଭାଯାତ୍ରା ଆଦି କାର୍ଯ୍ୟକ୍ରମ କରାଯିବ। ଆସନ୍ତା ୩୧ ତାରିଖ ସକାଳେ ପତାକା ଉତ୍ତୋଳନ, ମିଠା ବଣ୍ଟନ, ପ୍ରତିମୂର୍ତ୍ତି ଉନ୍ମୋଚନ, ପାର୍କ ଆଦି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯିବାକୁ ଯୋଜନା ରହିଛି। ଏହାବାଦ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ସହରରେ ସବୁ ୱାର୍ଡକୁ ସ୍ୱତନ୍ତ୍ର ଭାବେ ସଫେଇ କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ଏହି ଅଧିବେଶନରେ କମିଶନର ଦାୟିତ୍ୱରେ ଥିବା ଅତିରିକ୍ତ କମିଶନର ଅନାମ ଚରଣ ପାତ୍ରଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ପୋରେଟର ଉପସ୍ଥିତ ଥିଲେ। ଡେପୁଟି ମେୟର ଦମୟନ୍ତୀ ମାଝୀ ଧନ୍ୟବାଦ ଦେଇଥିଲେ।



ବୈଠକରେ ମେୟର, ଡେପୁଟି ମେୟର ଓ କର୍ପୋରେଟରଙ୍କ ସହ ଅନ୍ୟମାନେ।




ଉଚ୍ଛେଦ ପୂର୍ବରୁ ଥଇଥାନ ଦାବିରେ କଟକ ଉଠାଦୋକାନୀ ମହାସଂଘ ପକ୍ଷରୁ ବୁଧବାର ସିଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ।

### ଦାବି ପୂରଣ ନ ହେଲେ ୨୭ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ

କଟକ,୧୪।୮(ଶିଳ୍ପା ପ୍ରିୟଦର୍ଶିନୀ)

ଓଡ଼ିଶା ନର୍ସିଂ ଆସୋସିଏଶନ ନିର୍ଦ୍ଦେଶକ୍ରମେ ୧୦ ଦଫା ଦାବି ନେଇ ଏସ୍‌ସିବି ମେଡିକାଲରେ ଓଡ଼ିଶା ନର୍ସିଂ ଆସୋସିଏଶନ ଏସ୍‌ସିବି ଶାଖାର ନର୍ସିଂ ଅଫିସର ବୁଧବାର କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିଛନ୍ତି। ପଦୋନ୍ନତି ଓ ସରକାରୀ ଛୁଟି ଭଳି ଅନ୍ୟାନ୍ୟ ଦାବି ସେମାନଙ୍କର ରହିଛି। ଏ ସମ୍ପର୍କିତ ଦାବିପତ୍ର ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଓ କଲେଜ ପ୍ରିନ୍ସିପାଲ, ପ୍ରଶାସନିକ ଅଧିକାରୀ, ସିଏମ୍‌ସି କମିଶନର, ଆର୍‌ଡିସି ଓ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏନେଇ ଓଡ଼ିଶା ନର୍ସିଂ ଆସୋସିଏଶନ ଏସ୍‌ସିବି ଶାଖାର ସମ୍ପାଦିକା ସରୋଜିନୀ ଜେନା କହିଛନ୍ତି, ବିଭିନ୍ନ ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଛି। ଏପରି କି ଗତ ଜୁଲାଇରେ ୧୦ ଦଫା ଦାବି ନେଇ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଥିଲେ ସୁଦ୍ଧା ରାଜ୍ୟ ସରକାର କୌଣସି ଠୋସ୍ ନିଷ୍ପତ୍ତି ନେଇନାହାନ୍ତି। ଏହାକୁ ନେଇ ବିଭିନ୍ନ ବର୍ଗର ନର୍ସିଂ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସମସ୍ତ ଅସୁବିଧାକୁ ନଜରରେ ରଖି ବୁଧବାରଠାରୁ ରାଜ୍ୟବ୍ୟାପୀ ନର୍ସିଂ ଅଫିସରମାନେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଛନ୍ତି। ଆଗାମୀ ଦିନରେ ଦାବି ପୂରଣ କରା ନ ଗଲେ ଆସନ୍ତା ୨୩ରୁ ରୋଗୀ ସେବାରେ ବାଧା ନ ଦେଇ ଆନ୍ଦୋଳନ କରିବେ। ଏହାସତ୍ତ୍ୱେ ଯଦି ସରକାର କୌଣସି ନିଷ୍ପତ୍ତି ନ ନିଅନ୍ତି ତେବେ ଆସନ୍ତା ୨୭ରୁ ରାଜ୍ୟବ୍ୟାପୀ ନର୍ସିଂ ଅଫିସରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିବା ଜେନା କହିଛନ୍ତି।

# ଜାଲ୍ କାଗଜପତ୍ରରେ ଜମି ବିକ୍ରି, ୫ ଗିରଫ

କଟକ,୧୪।୮ (କାର୍ତ୍ତିକ ସାହୁ)

ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ଜମି ବିକ୍ରି ମାମଲାରେ ଚାଉଳିଆଗଞ୍ଜ ପୋଲିସ ୫ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୁନା ଓରଫ ସେକ୍ ଆବିଦ୍, ଲିଟୁନ୍ ଓରଫ ଇଖାର ଅହେମଦ୍ ଖାନ୍, ଲିଟୁ ଓରଫ ସ୍ମୃତିରଞ୍ଜନ ସମଦର୍ଶୀ, ପ୍ରସନ୍ନ ଓରଫ ପର୍ଶୁରାମ ଭୋଇ ଏବଂ ଝାଟିଆ ଓରଫ ସୁଶାନ୍ତ କୁମାର ରାଉତରାୟ (୪୬)। ସେମାନଙ୍କ ନିକଟରୁ ୯୮,୯୯୯ ଟଙ୍କା, ନକଲି ଭୋଟର କାର୍ଡ ଓ ଆଧାର କାର୍ଡ, ସରକାରୀ ଅଧିକାରୀମାନଙ୍କ ନକଲି ସିଲ୍, କମ୍ପ୍ୟୁଟର, ପ୍ରିଣ୍ଟର, ମୋବାଇଲ୍ ଫୋନ୍ ଆଦି ପୋଲିସ ଜବତ କରିଛି।

ସୂଚନା ଅନୁସାରେ, ପୁରୀ ଜିଲା ପିପିଲି ଥାନା ଅନ୍ତର୍ଗତ ସିଂଘପୁର ଗ୍ରାମର ନୀହାର ରଞ୍ଜନ ସେନାପତିଙ୍କର କଟକ ଗଣ୍ଡରପୁରଠାରେ ଏକ ପ୍ଲଟ୍ ରହିଛି। ଉକ୍ତ ପ୍ଲଟ୍‌ରେ ଏକ ବିଲ୍ଡିଂ ମଧ୍ୟ ରହିଛି। ଏହି ପ୍ଲଟ୍ ବିକ୍ରି କରିବା ପାଇଁ ତାଙ୍କୁ ବହୁ ଲୋକ ଫୋନ୍ କରନ୍ତି। ସେଥିପାଇଁ ସେ ଉକ୍ତ ପ୍ଲଟ୍‌ରେ ତାଙ୍କ ଶାଳକଙ୍କ ଫୋନ୍ ନମ୍ବର ସହ ପ୍ଲଟ୍ ବିକ୍ରି ପାଇଁ ନୁହଁ ବୋଲି ପୋଷ୍ଟରରେ ଉଲ୍ଲେଖ କରିଥିଲେ। ପୋଷ୍ଟର ମାରିବା ପରେ ଜଣେ ଦୁର୍ବୃତ୍ତ ସେହି ପ୍ଲଟ୍ କିଣିଥିବା ତାଙ୍କ ଶାଳକଙ୍କୁ ଫୋନ୍ କରି କହିବା ସହ ଧମକ ଦେଇଥିଲେ। ସେ ପ୍ଲଟ୍‌ରେ ଇସି ବାହାର କରିବା ପରେ ଜୁନ୍ ୧୯ରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କୁ ଉକ୍ତ ପ୍ଲଟ୍ ବିକ୍ରି ହୋଇଥିବା ଜାଣିବାକୁ ପାଇଥିଲେ। ସେ ପୁଣି ଉକ୍ତ ପ୍ଲଟ୍‌ରେ ପୋଷ୍ଟର ଲଗାଇଥିଲେ। ଆଉଥରେ ତାଙ୍କୁ ଫୋନ୍ କଲ୍‌ରେ ଜୀବନରୁ ମାରିଦେବାର ଧମକ ମିଳିଥିଲା। ଏନେଇ ନୀହାର ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ.୧୮୭/୨୪) ରୁଜୁ କରି ତଦନ୍ତ କରିଥିଲା।

# ୧୫ ମାସ ପରେ ବୈଠକ ନେଇ କ୍ଷୋଭ ପ୍ରକାଶ

**ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ୫ମ ବୈଠକ**

ନିଶ୍ଚିନ୍ତକୋଇଲି,୧୪।୮ (ଅଶୋକ କୁମାର ମହାପାତ୍ର)



ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ୫ମ ବୈଠକ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୧୫ମାସ ପରେ ବୈଠକ ବସୁଥିବାରୁ ବିଧାୟକ ସାରଦା ପ୍ରଧାନ କ୍ଷୋଭ ପ୍ରକାଶ କରିଥିଲେ। ଠିକ୍ ସମୟରେ ବୈଠକ କରି ପଞ୍ଚାୟତ ଓ ସମିତିର ବିକାଶ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ବିଧାୟକଙ୍କ ସପକ୍ଷବାଦୀ ଓ ବିଜେଡି ସମର୍ଥକ ସଭ୍ୟମାନଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ବୈଠକରେ ୨ ବିଧାୟକ ଉପସ୍ଥିତ ଥିଲାବେଳେ ବହୁ ଉଚ୍ଚପଦସ୍ଥ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହିବାକୁ ନେଇ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ବିଡିଓ ବିରଞ୍ଚି ନାରାୟଣ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ବିଧାୟକ ପ୍ରଧାନ ବ୍ଲକର ସାମଗ୍ରିକ ବିକାଶ ନିମନ୍ତେ ସମସ୍ତେ ହାତ ମିଳାଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସେ କୌଣସି ଠିକାଦାରଙ୍କ ବିଲ୍ ବନ୍ଦ ଲାଗି ନିର୍ଦ୍ଦେଶ ଦେଇ ନାହାନ୍ତି କି ବ୍ଲକର ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ କରିନାହାନ୍ତି ବୋଲି ସଫେଇ ଦେଇଛନ୍ତି। କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ବହୁ ବିଳମ୍ବରେ ବୈଠକରେ ଯୋଗଦେଇଥିଲେ। ବୈଠକରେ ଗ୍ରାମ୍ୟ ଉନ୍ନୟନ, ଜଳସମ୍ପଦ, ପୂର୍ତ୍ତ ପ୍ରଭୃତି ବହୁ ବିଭାଗର ଅଧିକାରୀ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ବୈଠକ କାହା ସ୍ୱାର୍ଥ ପାଇଁ ବୋଲି କେତେଜଣ ନିର୍ବାଚିତ ଲୋକପ୍ରତିନିଧି କହିଥିଲେ। ବିପର୍ଯ୍ୟୟ ମୁକାବିଲା, କୃଷି, ଉଦ୍ୟାନ କୃଷି, ପାନୀୟ ଜଳ, ପରିମଳ ଓ ଯୋଗାଣ ବିଭାଗ ଉପରେ ଆଲୋଚନା ହୋଇଥିଲା। ବ୍ଲକରେ ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ଓ ଠିକାଦାରଙ୍କ ପ୍ରାପ୍ୟ ପ୍ରଦାନ ବନ୍ଦ କରାଯିବାକୁ ନେଇ ବହୁ ଲୋକପ୍ରତିନିଧି ହୋହାଲ୍ଲା କରିଥିଲେ। କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ପ୍ରତିନିଧି ମଳୟ ଶଙ୍କର ଘଡେଇ ବୈଠକରେ ଉପସ୍ଥିତ ଥିଲାବେଳେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ କିମ୍ବା ତାଙ୍କର ପ୍ରତିନିଧି ଯୋଗଦେଇ ନ ଥିଲେ। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝା ଧନ୍ୟବାଦ ଦେଇଥିଲେ।

### ମହିଳାଙ୍କୁ ଜାତିଆଣ ଆକ୍ଷେପ କରି ଯୁବକ ଗିରଫ

ସାଲେପୁର,୧୪।୮(ଅରବିନ୍ଦ ଭୂୟାଁ)

ମହିଳାଙ୍କୁ ଜାତିଆଣ ଆକ୍ଷେପ ସହ ଗାଳିଗୁଲଜ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ସାଲେପୁର ଏସ୍‌ଡିପିଓ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛନ୍ତି। ଓରାବାରି ଅଞ୍ଚଳର ବାସନ୍ତୀ ରାଉତଙ୍କୁ ଉକ୍ତ ଗାଁର ଅଭିଷେକ ମହାନ୍ତି ଜାତିଆଣ ଆକ୍ଷେପ କରିଥିଲେ। ଏ ନେଇ ବାସନ୍ତୀ ସାଲେପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୦୭/୨୪) ରୁଜୁ କରିଥିଲା। ଉକ୍ତ ଦିନଠାରୁ ଅଭିଷେକ ଫେରାର ଥିବାବେଳେ ବୁଧବାର ସାଲେପୁର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରାଜଲକ୍ଷ୍ମୀ



@ କ୍ଷୀରୋଦ



@ ଲିପୁ



@ ନୀର୍ବିକଳ୍ପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଅବକାରୀ ବିଭାଗର ଚଢ଼ାଉ, ଜଣେ ଗିରଫ

ଟିଗିରିଆ,୧୪।୮(ଜାଫର ଖାଁ)

ଟିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ପଞ୍ଚାୟତର ପଣସପାଟଣା ଗାଁରେ ବୁଧବାର କଟକ ଜିଲା ଅବକାରୀ ଅଧୀକ୍ଷକ ନିମାଇଁ ଚରଣ ସିଂହଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଭାଗର କର୍ମଚାରୀ ଚଢ଼ାଉ କରିଥିଲେ। ସେଠାରୁ ୧୦,୪୩୦ ଲିଟର ପୋଚ ଓ ୭୭୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛନ୍ତି। ଏହି ଘଟଣାରେ ଅଚଳକୋଟ ଗାଁର ପପୁ ନାଏକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଭିରୁଡ଼ାର ବିଭିନ୍ନ ସ୍ଥାନରେ ପ୍ରବଳମାତ୍ରାରେ ଦେଶୀମଦ ରନ୍ଧା ହେଉଥିବା ଖବରପାଇ ଆଠଗଡ ଓ ବାଙ୍କୀ ଅବକାରୀ ବିଭାଗ, ଜିଲା ମୋବାଇଲ ସ୍କ୍ୱାଡ୍ ମିଳିତ ଚଢ଼ାଉ କରି ମଦ ରନ୍ଧା ପାଇଁ ପ୍ରସ୍ତୁତ ଗୁଡ଼ର ପୋଚ, ରନ୍ଧା ହୋଇଥିବା ଦେଶୀ ମଦକୁ ଜବତ କରି ନଷ୍ଟ କରିଥିଲେ।

# ସଙ୍ଗୀତ, ଜଳକ୍ରୀଡ଼ାରେ ଶୁଭେଚ୍ଛା

କଟକ,୧୪।୮(ଶିଳ୍ପା ପ୍ରିୟଦର୍ଶିନୀ)

ଭାରତରେ ୭୮ତମ ସ୍ୱାଧୀନତା ଦିବସ ଗୁରୁବାର ପାଳନ କରାଯିବ। ଏହି ଉପଲକ୍ଷେ ସ୍କୁବା ଡାଇଭର ସବିର ବକ୍ସ ସଙ୍ଗୀତ ଓ ଜଳକ୍ରୀଡ଼ା ମାଧ୍ୟମରେ ବୁଧବାର କଟକ ସିଲ୍‌ଭର ସିଟି ବୋଟିଂ କ୍ଲବ୍‌ସ୍ଥିତ ମହାନଦୀର ପ୍ରଖର ସ୍ରୋତରେ ଭାରତବାସୀଙ୍କୁ ଶାନ୍ତି ଓ ମୈତ୍ରୀର ବାର୍ତ୍ତା ଦେଇଛନ୍ତି। ଏଥିରେ ଉତ୍ତରପ୍ରଦେଶ ଏସ୍‌ଡିଆରଏଫ୍‌ର ୨୪ ଜଣ ଯବାନ ହାତରେ ତ୍ରିରଙ୍ଗା ଧରି ଦୁଇଟି ବୋଟ୍‌ରେ ଜଳକ୍ରୀଡ଼ା କରିଛନ୍ତି।



# ବୃତ୍ତିଗତ ସହ ବ୍ୟକ୍ତିଗତ ସଫଳ ହେବେ ମହିଳା

କଟକ,୧୪।୮ (କାର୍ତ୍ତିକ ସାହୁ)

**ସୁଭଦ୍ରା ଯୋଜନା ପରାମର୍ଶ ବୈଠକ**

ସରକାର ପ୍ରଣୟନ କରିବାକୁ ଥିବା ସୁଭଦ୍ରା ଯୋଜନା ନିମିତ୍ତ ଏକ ଜିଲାସ୍ତରୀୟ ପରାମର୍ଶ ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନଶକ୍ତି ଆଦି ବିଭିନ୍ନ ବର୍ଗର ମହିଳାମାନଙ୍କ ମତାମତ ନିଆଯାଇଛି। ସରକାର ମହିଳାଙ୍କୁ ତାଙ୍କ ଅଧିକାର ବିଷୟରେ ସଚେତନ କରାଇବା ସହ ସମାଜର ମୂଲ୍ୟବାନ ସଦସ୍ୟ ଭାବେ ସେମାନଙ୍କର ଭୂମିକାକୁ ପ୍ରୋତ୍ସାହନ କରାଇବେ। ଏକାଧିକ ଦିଗରୁ ମହିଳାଙ୍କ ଉନ୍ନତି କରିବାର ଯୋଜନା ରଖାଯାଇଛି। ଏହାଦ୍ୱାରା ମହିଳାମାନେ ବୃତ୍ତିଗତ ସହ ବ୍ୟକ୍ତିଗତ ଭାବେ ସଫଳ ହେବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସୁଭଦ୍ରା ଯୋଜନା ଯୋଗ୍ୟ ହିତାଧିକାରୀ ଚୟନର ଆଧାର ପ୍ରସଙ୍ଗରେ ମାହାଙ୍ଗା ବିଧାୟକ ସାରଦା ପ୍ରସନ୍ନ ପ୍ରଧାନ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା ପ୍ରମୁଖ ଆଲୋଚନା କରିଥିଲେ। ଅବିବାହିତ, ନିରୁପାୟ, ନିର୍ଯାତିତା ମହିଳାଙ୍କ କଥାକୁ ବିଚାରକୁ ନେଇ ହିତାଧିକାରୀ ଚୟନ ପ୍ରକ୍ରିୟାରେ ସାମିଲ କରାଯିବାକୁ ମତପ୍ରକାଶ ପାଇଥିଲା। ଅତିରିକ୍ତ ଜିଲାପାଳ (ଉନ୍ନୟନ) ଡ. ଦିବ୍ୟଲୋଚନ ମହାନ୍ତ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଜିଲା ପରିଷଦ ଉପସଭାପତି ସୁଭଦ୍ରା ଦାସ, କଟକ ଏମ୍‌ପିଙ୍କ ପ୍ରତିନିଧି ପ୍ରତିଭା ଶତପଥୀଙ୍କ ସମେତ କଟକ ସଦର, ବାଙ୍କୀ, ଆଠଗଡ଼ ଉପ ଜିଲାପାଳ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ପରିଡ଼ା ଧନ୍ୟବାଦ ଦେଇଥିଲେ।




ବୈଠକରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ସହ ଅନ୍ୟମାନେ।

**୨୦ରେ ନିମାପଡ଼ା ନଗରପାଳଙ୍କ ବିରୋଧରେ ଅନାସ୍ଥା ଭୋଟ**

ନିମାପଡ଼ା,(ରଞ୍ଜନ ପଟ୍ଟନାୟକ): ଆସନ୍ତା ୨୦ ତାରିଖରେ ନିମାପଡ଼ା ନଗରପାଳଙ୍କ ବିରୋଧରେ ଅନାସ୍ଥା ଭୋଟ ହେବ ବୋଲି ସୂଚନା ମିଳିଛି। ଗତ ୧୨ ତାରିଖରେ ୮ଜଣ କାଉନସିଲର ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ସାକ୍ଷାତ କରି ନଗରପାଳଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଦେଇଥିଲେ। ଜିଲାପାଳ ଆବେଦନ ଗ୍ରହଣ କରି ନିୟମ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁଯାୟୀ ୨୦ ତାରିଖରେ ଅନାସ୍ଥା ଭୋଟ କରିବା ପାଇଁ ନିମାପଡ଼ା ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜାଣିବାକୁ ମିଳିଛି।



# ପୁରୀ ବେଳାଭୂମିରେ ଯୁବକଙ୍କୁ ହତ୍ୟା

ପୁରୀ,୧୪।୮(ଅଜିତ୍ କୁମାର ମହାନ୍ତି)

ପୁରୀରେ ଦିନକୁ ଦିନ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। କିଛିଦିନ ତଳେ ଟାଉନ ଥାନା ଅଞ୍ଚଳରେ ଖଜା ବ୍ୟବସାୟକୁ ନେଇ ଜଣେ ଦୋକାନୀଙ୍କୁ ହତ୍ୟା କରାଯାଇଥିବବେଳେ ବୁଧବାର ବଳିଆପଣ୍ଡା ଥାନା ଅନ୍ତର୍ଗତ ଲାଇଟ ହାଉସ ନିକଟ ବେଳାଭୂମିରୁ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିବା ନେଇ ପୋଲିସର ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ମୃତକ ହେଲେ ବାଲେଶ୍ୱର ଜିଲା ସୋର ଅଞ୍ଚଳର ରମାକାନ୍ତ ଦାସଙ୍କ ପୁଅ ପ୍ରହଲ୍ଲାଦ ଦାସ। ଦୁର୍ବୃତ୍ତମାନେ ପ୍ରହଲ୍ଲାଦଙ୍କ ମୁଣ୍ଡ, ବାମପାର୍ଶ୍ୱ ଆଖି ଓ କାନକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ବୁଧବାର ସକାଳେ ଲାଇଟ ହାଉସ ନିକଟ ବେଳାଭୂମିରେ ଏକ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ପୋଲିସକୁ ଖବର ଦିଆଯାଇଥିଲା। ବଳିଆପଣ୍ଡା ଥାନା ପୋଲିସ ସହ ସମୁଦ୍ରକୂଳ ଥାନା ଓ ଟାଉନ ଥାନା ପୋଲିସ, ସଦର ଏସ୍‌ଡିପିଓ ଏବଂ ଅତିରିକ୍ତ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରିଥିଲେ। ସେହିପରି ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏନେଇ ଅତିରିକ୍ତ ଏସ୍‌ପି ସୁଶିଲ କୁମାର ମିଶ୍ର କହିଛନ୍ତି, ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ହତ୍ୟାକାଣ୍ଡ ବୋଲି ଜଣାପଡୁଛି। ତେବେ ସମୁଦ୍ରକୂଳରେ ହତ୍ୟା କରାଯାଇଛି ନା ହତ୍ୟା ପରେ ମୃତଦେହ ଆଣି ଏଠାରେ ଫିଙ୍ଗାଯାଇଛି ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ମୃତକଙ୍କ ନିକଟରୁ ଏଟିଏମ୍ ସହ ଯାହା ସବୁ ମିଳିଛି ତାହାକୁ ନେଇ ତଦନ୍ତ କରାଯାଉଛି। ପୋଲିସ ପକ୍ଷରୁ ମୃତକଙ୍କ ପରିବାରକୁ ଖବର ଦିଆଯାଇଛି। ତଦନ୍ତ ପରେ ହତ୍ୟାକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ମିଶ୍ର କହିଛନ୍ତି। ସେହିପରି ବଳିଆପଣ୍ଡା ଥାନା ଅଧିକାରୀ ବବିତା ନାୟକ କହିଛନ୍ତି, ମୃତକଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଛି। ସେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ଥିଲେ ବୋଲି ଜଣାପଡ଼ିଛି। ପୋଲିସ ପକ୍ଷରୁ ମୃତଦେହ ଜବତ କରାଯିବା ସହ ଏକ କେସ୍ (ନଂ.୧୬୮/୨୪) ରୁଜୁ କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୪।୮।୨୦୨୪

| | |
|---|---|
| ୩,୫୫,୦୫୨ ଟଙ୍କା | |
| ସୁନା | ୧୫୦ ମିଲିଗ୍ରାମ୍ |
| ରୁପା | ୪୨,୨୫୦ ଗ୍ରାମ୍ |

## ଶ୍ରୀମନ୍ଦିର ଡେପୁଟି କମାଣ୍ଡାଣ୍ଟ କୌଶିକ ନାୟକ ପାଇବେ ରାଷ୍ଟ୍ରପତି ସେବା ମେଡାଲ

ପୁରୀ,୧୪।୮(ଅଜିତ୍ କୁମାର ମହାନ୍ତି)

ଆରକ୍ଷୀ ବାହିନୀରେ ଉଲ୍ଲେଖନୀୟ ସେବା ପାଇଁ ଶ୍ରୀମନ୍ଦିର ଡେପୁଟି କମାଣ୍ଡାଣ୍ଟ କୌଶିକ କୁମାର ନାୟକ ସମ୍ମାନଜନକ ରାଷ୍ଟ୍ରପତି ସେବା ମେଡାଲ ପାଇବାକୁ ଯାଉଛନ୍ତି। ସ୍ୱାଧୀନତା ଦିବସ ଅବସରରେ ସେ ଏହି ସମ୍ମାନ ପାଇବେ। ନାୟକ ସର୍ଜେଣ୍ଟ ଭାବେ କ୍ୟାରିୟର ଆରମ୍ଭ କରି କଟକ, ଯାଜପୁର, କେନ୍ଦୁଝର, ଗଜପତି, ଗଞ୍ଜାମ ଆଦି ଜିଲାରେ କାର୍ଯ୍ୟ କରିବା ପରେ ଏବେ ଶ୍ରୀମନ୍ଦିର ଡେପୁଟି କମାଣ୍ଡାଣ୍ଟ ଭାବେ କାର୍ଯ୍ୟରତ ଅଛନ୍ତି। ଏହି ସମ୍ମାନ ନେଇ ସେ ଉତ୍ସାହିତ ହୋଇପଡ଼ିଥିବାବେଳେ ଖୁସି ଓ ଗର୍ବିତ ବୋଲି ପ୍ରତିକ୍ରିୟାରେ କହିଛନ୍ତି। ଏହା ତାଙ୍କୁ ଆରକ୍ଷୀ ବିଭାଗରେ କାର୍ଯ୍ୟ କରିବା ପାଇଁ ପ୍ରେରଣା ଯୋଗାଇବ। ଏହି ସମ୍ମାନ ପାଇଁ ସେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଏବଂ ଉପରିସ୍ଥ ସମସ୍ତ ବରିଷ୍ଠ ପୋଲିସ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଗଳା କାଟି ହତ୍ୟା

ଜଟଣୀ,୧୪।୮(ରବୀନ୍ଦ୍ର ନାଥ ମହାକୁଡ଼)

ଖୋର୍ଦ୍ଧା ଜଟଣୀ ଥାନା ଅଧୀନ କୁଦିଆରୀ ରଙ୍ଗଣୀ ସାହିରେ ଜଣେ ଯୁବକଙ୍କ ଗଳାକାଟି ହତ୍ୟା କରାଯାଇଛି। ରଙ୍ଗଣୀ ସାହିସ୍ଥିତ ଜାଗେଶ୍ୱରୀ କ୍ଲବ ପଛ ପାର୍ଶ୍ୱରେ ଥିବା ଗୋଷ୍ଠୀ ସଭାଗୃହ ଭିତରେ ଗଳାକଟା ଅବସ୍ଥାରେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଡେଲାଙ୍ଗ ଥାନା ଅନ୍ତର୍ଗତ ବଅଙ୍ଗ ଗ୍ରାମର ପ୍ରଫୁଲ୍ଲ ବାରିକ। ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କୌଣସି ପୂର୍ବ ଶତ୍ରୁତାରୁ ପ୍ରଫୁଲ୍ଲଙ୍କୁ ଗଳା କାଟି ହତ୍ୟା କରାଯାଇଥିବା ସ୍ଥାନୀୟ ବାସିନ୍ଦା ଓ ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ପୁରୀ/ଅସ୍ତରଙ୍ଗ,୧୪।୮
(ଅଜିତ ମହାନ୍ତି/ ମମତା ଜେନା)

ଭାଜପା ଯୁବମୋର୍ଚ୍ଚା ପୁରୀ ଶାଖା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗୁଣ୍ଡିଚା ମନ୍ଦିର ନିକଟରୁ ଶୋଭାଯାତ୍ରା ବାହାରି ବଡ଼ଶଙ୍ଖ ଓ ରେଡ୍‌କ୍ରସ ରୋଡ ଦେଇ ଷ୍ଟେସନ ବଜାର ନିକଟରେ ପହଞ୍ଚିବା ପରେ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ରାଜ୍ୟ ପ୍ରବକ୍ତା ସଜ୍ଜନ ଶର୍ମା, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, କାର୍ଯ୍ୟକାରୀ ସଭାପତି ଡା. ଦେବେନ୍ଦ୍ରନାଥ ତରେଇ, ପୂର୍ବତନ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ଜିଲା ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାଶ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ଦିଗ୍‌ଦର୍ଶନ ପଟ୍ଟନାୟକ, ମଧୁ ସିଂହାରୀ, ରବି ଦାଶ, ମନୋରଞ୍ଜନ ପ୍ରଧାନ, ହରିହର ମହାପାତ୍ର, କୃଷ୍ଣଚନ୍ଦ୍ର ସାମନ୍ତରାୟ, ସୋମନାଥ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅସ୍ତରଙ୍ଗ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୫ଶହ କାର୍ଯ୍ୟକର୍ତ୍ତା ଯୋଗେଶ୍ୱରପୁରଠାରୁ ଏକ ପଟୁଆରରେ ବାହାରି ଐତିହାସିକ ଲବଣ ସତ୍ୟାଗ୍ରହ ପୀଠ କୁହୁଡ଼ି ପର୍ଯ୍ୟନ୍ତ ଯାଇଥିଲେ। ଶୋଭାଯାତ୍ରାରେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ ଓ ସୁରେନ୍ଦ୍ର ସେଠୀ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ରତିକାନ୍ତ ବେହେରା, ଦିବାକର ଛାଟୋଇ, ଲଳିତ ରଥ, ପ୍ରିୟବ୍ରତ ବିଶ୍ୱାଳ ଓ ଜିତେନ୍ଦ୍ର ସ୍ୱାଇଁ ପ୍ରମୁଖ ଅସ୍ତରଙ୍ଗ ବ୍ଲକ ପଡ଼ିଆରେ ଥିବା ସ୍ୱାଧୀନତା ସଂଗ୍ରାମୀ ଶୋବନି ଛାଟୋଇ, ଯଦୁମଣି ପରିଡ଼ା, ଗୋପୀନାଥ ମୁଦୁଲି, ଶ୍ରୀନିବାସ ମହାରଣାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ କୁହୁଡ଼ିଠାରେ ମହାତ୍ମାଗାନ୍ଧୀ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଲବଣ ସତ୍ୟାଗ୍ରହ ପୀଠର ସମସ୍ତ ସଂଗ୍ରାମୀଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।



ବ୍ଲୁ ଫ୍ଲାଗ୍ ବିଚ୍‌ରେ ବୁଧବାର ଆୟୋଜିତ ପୁରୀ ଜିଲାସ୍ତରୀୟ 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ବ୍ଲୁ ଫ୍ଲାଗ୍ ବିଚ୍‌ରେ 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମ

ପୁରୀ, ୧୪।୮(ଅଜିତ କୁମାର ମହାନ୍ତି)

ବ୍ଲୁ ଫ୍ଲାଗ୍ ବିଚ୍‌ରେ ବୁଧବାର ପୂର୍ବାହ୍ନରେ ପୁରୀ ଜିଲାସ୍ତରୀୟ 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରପାଳିକା ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆମ ସ୍ୱାଧୀନତା ଆମ ପାଇଁ ଏକ ବିରାଟ ଉପଲବ୍ଧି। ତ୍ରିରଙ୍ଗା ଆମ ସମସ୍ତଙ୍କୁ ଗର୍ବ ଓ ଗୌରବ ଆଣିଦେଇଛି। ତେଣୁ ସମ୍ମାନର ସହ ପ୍ରତ୍ୟେକ ବ୍ୟକ୍ତି ତ୍ରିରଙ୍ଗା ପତାକାକୁ ନିଜ ଗୃହରେ ଉତ୍ତୋଳନ କରିବାକୁ ଅନୁରୋଧ କରାଯାଇଥିଲା। 'ହର୍ ଘର୍ ତ୍ରିରଙ୍ଗା', ବନ୍ଦେ ମାତରମ୍, ଭାରତ ମାତା କି ଜୟ, ଜୟହିନ୍ଦ୍ ଧ୍ୱନି ଛାତ୍ରୀଛାତ୍ର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଜାତୀୟ ପତାକା ପ୍ରଦର୍ଶନ କରିଥିଲେ। ଭାରତ ମାନଚିତ୍ର ଆଧାରରେ ସମସ୍ତେ ଠିଆ ହୋଇ 'ହର୍ ଘର୍ ତ୍ରିରଙ୍ଗା' ଆନ୍ଦୋଳନକୁ ସମ୍ମାନ ପ୍ରଦର୍ଶନ କରିଥିଲେ। ସମୁଦ୍ର କୂଳରେ ଏହି ପ୍ରଦର୍ଶନ ଦେଶାତ୍ମବୋଧକୁ ଅଧିକ ଉଦ୍‌ବୁଦ୍ଧ କରିବା ଦେଖିବାକୁ ମିଳିଥିଲା। ସେଲ୍‌ଫି ଷ୍ଟାଣ୍ଡରେ ଆଗ୍ରହର ସହିତ ସମସ୍ତେ ସେଲ୍‌ଫି ନେବା ସହ କାନ୍‌ଭାସ୍‌ରେ ଜୟ ହିନ୍ଦ୍, 'ହର୍ ଘର୍ ତ୍ରିରଙ୍ଗା' ବୋଲି ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଯୋଗଦେଇଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ସାଧାରଣ ଜନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବହାର ହେବ ଏଆଇ

ପୁରୀ,୧୪।୮(ଅଜିତ୍ କୁମାର ମହାନ୍ତି)

**ଭକ୍ତଙ୍କୁ ସିଟି ଆପ୍‌ରେ ସମସ୍ତ ଆଗୁଆ ସୂଚନା ମିଳିପାରିବ**

ବାରମ୍ବାର ଦାବି ଓ ଆନ୍ଦୋଳନ ପରେ ଭକ୍ତଙ୍କ ନିମନ୍ତେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିଛି। ଏହାସତ୍ତ୍ୱେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କ୍ଷେତ୍ରରେ ପ୍ରଶାସନ ବିଫଳ ହେଉଛି। ଶ୍ରୀମନ୍ଦିର ବାହାର ସ୍ଥିତିରେ ସାମାନ୍ୟ ସୁଧାର ଆସିଥିବା ବେଳେ ଭିତରେ ଭକ୍ତମାନେ ନାନା ସମସ୍ୟା ଭୋଗୁଛନ୍ତି। ଭିତରେ ସାତପାହାଚ ନିକଟରୁ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ତେବେ ଭିଡ଼ ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଆରମ୍ଭ ହୋଇଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ତଥା ଟେକ୍ନୋଲୋଜି ଆଧାରରେ କ୍ରାଉଡ୍ ମ୍ୟାନେଜମେଣ୍ଟ ବ୍ୟବସ୍ଥା କରିବାକୁ ପ୍ରଶାସନ ଚିନ୍ତା କରୁଛି। ସମସ୍ତ ସ୍ଥାନରେ ସିସିଟିଭି ଲଗାଯିବା ସହ ଏହାକୁ ଏଆଇ ସହିତ ସଂଯୋଗ କରିବାକୁ ଲକ୍ଷ୍ୟ ରଖାଯାଇଛି। ବିଶେଷକରି ୧୪ଟି ପଏଣ୍ଟ ଉପରେ ପ୍ରଶାସନ ଗୁରୁତ୍ୱ ଦେଉଛି। ଶ୍ରୀମନ୍ଦିର ଚାରିଦ୍ୱାର, ସାତପାହାଚ, ଚକଡ଼ା, ଗୁମୁଟ, ଆନନ୍ଦ ବଜାର ଇତ୍ୟାଦି ସମେତ ବିଭିନ୍ନ ଷ୍ଟେଜିଂ ସ୍ଥାନରେ ସିସିଟିଭି ଲଗାଯାଇ ଭିଡ଼ ଉପରେ ନଜର ରଖାଯିବ। ଡିଜିଟାଲି ସମସ୍ତ ସୂଚନା ସଂଗ୍ରହ କରି ଭିଡ଼କୁ କିଭଳି ନିୟନ୍ତ୍ରଣ କରାଯାଇପାରିବ ସେ ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି। ଅପରପକ୍ଷରେ ଦର୍ଶନ ପାଇଁ ଘରୁ ବାହାରିବା ପୂର୍ବରୁ ସମସ୍ତ ସୂଚନା ଆଗୁଆ ପାଇପାରିବେ ଶ୍ରଦ୍ଧାଳୁ। ଏନେଇ ସିଟି ଆପ୍ ଡିଜାଇନ୍ ପ୍ରସ୍ତୁତ କରାଯିବାକୁ ଚିନ୍ତା କରାଯାଇଛି। ଶ୍ରଦ୍ଧାଳୁ ଏହି ଆପ୍ ମାଧ୍ୟମରେ ଟ୍ରାଫିକରେ ଥିବା ଭିଡ଼, ପାର୍କିଂସ୍ଥଳ ସ୍ଥିତିଠାରୁ ଆରମ୍ଭ କରି ଶ୍ରୀମନ୍ଦିର ନୀତିକାନ୍ତି, ଭକ୍ତନିବାସ ବୁକିଂ ପର୍ଯ୍ୟନ୍ତ ସମସ୍ତ ତଥ୍ୟ ଓ ସ୍ୱର୍ଗଦ୍ୱାର ବୁକିଂ ସୁବିଧା ପାଇପାରିବେ। ଏପରିକି ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଉଡ଼ିଲେ ପ୍ରଶାସନ ତାହାର ଡାଟା ଏହି ଆପ୍ ମାଧ୍ୟମରେ ପାଇପାରିବ। ଭକ୍ତଙ୍କ ଗଣନା ରଖିବାକୁ ଫୁଟ୍ ଫଲ୍ ସିଷ୍ଟମ ପାଇଁ ଟେଣ୍ଡର ଡକାଯାଇଛି। ଭକ୍ତଙ୍କ ଗଣନା ସହ ନିଷିଦ୍ଧ ସାମଗ୍ରୀ ଚିହ୍ନଟ କରିବାରେ ଏହା ସହାୟକ ହେବ। ଫଳରେ ଶ୍ରୀମନ୍ଦିର ଭିତର ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣ ସୁଦୃଢ଼ ହୋଇପାରିବ।

## ଶ୍ରୀକ୍ଷେତ୍ରରେ ଆରମ୍ଭ ହେଲା ଝୁଲଣ ଯାତ

ପୁରୀ,୧୪।୮(ଅଜିତ୍ କୁମାର ମହାନ୍ତି)

ଶ୍ରାବଣ ମାସ ଶୁକ୍ଲପକ୍ଷ ଦଶମୀ ତିଥି ବୁଧବାର ଠାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବର୍ଷାକାଳୀନ ରାସ ତଥା ପବିତ୍ର ଝୁଲଣ ଯାତ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ମୁକ୍ତିମଣ୍ଡପଠାରେ ସୁସଜ୍ଜିତ ଝୁଲଣ କୁଞ୍ଜରେ ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀମଦନମୋହନ ବସି ଝୁଲୁଛନ୍ତି। ୭ଦିନ ପର୍ଯ୍ୟନ୍ତ ଝୁଲଣ ଯାତ୍ରା ଚାଲିବ। ଝୁଲଣ ଯାତ ଉପଲକ୍ଷେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ପରେ ତିନିବାଡ଼ରେ ସର୍ବାଙ୍ଗ ଲାଗି ଓ ବେଶ କରାଯାଇଥିଲା। ମହାଜନମାନେ ସିଂହାସନରୁ ଶ୍ରୀଦେବୀ, ଭୂଦେବୀ ଏବଂ ଦକ୍ଷିଣଘରୁ ପ୍ରଭୁ ମଦନମୋହନଙ୍କୁ ଆଣି ଖଟଶେଯରେ ବିଜେ କରାଇଥିଲେ। ପୂଜାପଣ୍ଡା ସାମନ୍ତ ମାଣ୍ଡୁଅ ଭୋଗ ଅର୍ପଣ କରିବା ପରେ ତିନିବାଡ଼ରେ ସନ୍ଧ୍ୟା ଆଳତି ହୋଇଥିଲା। ପରେ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇ ତିନି ମୂର୍ତ୍ତି ଝୁଲଣ ମଣ୍ଡପ ଦୋଳିକୁ ବିଜେ କରିଥିଲେ। ବିଡ଼ିଆ ପାନ ମଣୋହି ପରେ ମନ୍ଦିରରେ ସନ୍ଧ୍ୟାଧୂପ ସମ୍ପନ୍ନ ହୋଇଥିଲା। ଝୁଲଣ ମଣ୍ଡପରେ ଠାକୁରଙ୍କୁ ପଞ୍ଚ ଉପଚାରରେ ପୂଜା ଓ ଭୋଗ କରାଯାଇଥିଲା। ମନ୍ଦିରରେ ଚନ୍ଦନଲାଗି ସରିବା ପରେ ଝୁଲଣ କୁଞ୍ଜରେ ବିରାଜିତ ମଦନମୋହନଙ୍କୁ ଦକ୍ଷିଣଘର ଓ ଦୁଇ ଠାକୁରାଣୀଙ୍କୁ ଗର୍ଭଗୃହକୁ ବିଜେ କରାଯାଇଥିଲା। ଝୁଲଣ କୁଞ୍ଜରେ ଠାକୁରଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ବିଭିନ୍ନ ମଠ, ମନ୍ଦିରରେ ଝୁଲଣ ଯାତ ଦେଖିବାକୁ ଗହଳି ଲାଗିଥିଲା। ବିଭିନ୍ନ ମଠ ପକ୍ଷରୁ ଭକ୍ତିମୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

## ଅଲାରନାଥଙ୍କ ଝୁଲଣ ଯାତ ଆରମ୍ଭ

ବ୍ରହ୍ମଗିରି,୧୪।୮(ସ୍ୱାଧୀନ ଚମ୍ପତିରାୟ)

ଶ୍ରାବଣ ଦଶମୀଠାରୁ ରକ୍ଷାପୂର୍ଣ୍ଣମୀ ପର୍ଯ୍ୟନ୍ତ ମହାପ୍ରଭୁ ଅଲାରନାଥଙ୍କ ପୀଠରେ ବର୍ଷାରାସ ବା ଝୁଲଣ ଯାତ ବୁଧବାରଠାରୁ ଆରମ୍ଭ ହୋଇଯାଇଛି। ମନ୍ଦିରର ସମସ୍ତ ନୀତିକାନ୍ତି ସରିବା ପରେ ସନ୍ଧ୍ୟାରେ ମହାପ୍ରଭୁ ଅଲାରନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ ଓ ଲକ୍ଷ୍ମୀ ସରସ୍ୱତୀଙ୍କୁ ମନ୍ଦିର ପରିକ୍ରମା କରାଯାଇ ଝୁଲଣ କୁଞ୍ଜରେ ବିରାଜମାନ କରାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ ହୋଇଥିଲା। ଶେଷରେ ଝୁଲଣ କୁଞ୍ଜରେ ଏକ ସ୍ୱତନ୍ତ୍ର ପନ୍ତି ବା ପିତଳ ମଣୋହିରେ ମାଣ୍ଡୁଅ, ଚୁଡ଼ା, ଖଇ, ଫଳଭୋଗ କରାଯାଇ ଶ୍ରୀଜିଉମାନେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

## ବାଡ଼ି ନୃସିଂହଙ୍କ ଚାରି ଆଶ୍ରମ ବିଜେ

ପୁରୀ,୧୪।୮(ଅଜିତ୍ କୁମାର ମହାନ୍ତି)

ଶ୍ରାବଣ ଶୁକ୍ଲପକ୍ଷ ଦଶମୀ ତିଥି ବୁଧବାର ଅବସରରେ ବାଡ଼ି ନୃସିଂହ ଶ୍ରୀମନ୍ଦିରରୁ ବାହାରି ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ବିଜେ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ବାଡ଼ରେ ଖଣ୍ଡିଏ ଅଧିକ ଆଜ୍ଞାମାଳ ଲାଗି କରାଯାଇଥିଲା। ପରେ ବାଡ଼ି ନୃସିଂହ ଦକ୍ଷିଣୀ ଘରୁ ମହାଜନ ସେବକଙ୍କ ହାତରେ ଭିତରକୁ ବିଜେ କରିଥିଲେ। ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇଁ ମୁକ୍ତିମଣ୍ଡପ ନିକଟରେ ଥିବା ବିମାନକୁ ବିଜେ କରିଥିଲେ। ପରେ ଠାକୁରଙ୍କ ରନ୍ଧା କାର୍ଯ୍ୟ ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବା ପରେ ଘଣ୍ଟ ଛତା, କାହାଳୀ ଏବଂ ସେବାୟତଙ୍କ ସହ ବିମାନବଡୁ ସେବକମାନେ ବାଡ଼ି ନୃସିଂହଙ୍କୁ ଶ୍ରୀକ୍ଷେତ୍ରରେ ଥିବା ମହର୍ଷି ମାର୍କଣ୍ଡେୟ, ମହର୍ଷି କଣ୍ଡୁ, ମହର୍ଷି ଭୃଗୁ ଓ ମହର୍ଷି ଅଙ୍ଗିରାଙ୍କ ଆଶ୍ରମକୁ ବିଜେ କରାଇଥିଲେ। ସେଠାରେ ଠାକୁରଙ୍କ ବିଭିନ୍ନ ନୀତି ହୋଇ ଶୀତଳ ଭୋଗ ମଣୋହି କରାଯିବା ସହ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ଏଥିସହ ନଗର ପରିକ୍ରମା ସମୟରେ ବିଭିନ୍ନ ମଠ, ଆଖଡ଼ା, ଦେବାଳୟ ଆଦି ପକ୍ଷରୁ ପ୍ରାୟ ୪୨ଟି ସ୍ଥାନରେ ନୃସିଂହ ଦେବଙ୍କୁ ପନ୍ତିଭୋଗ କରାଯାଇଥିଲା। ନଗର ପରିକ୍ରମା କରି ନୃସିଂହ ଦେବ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

ସେଲ୍‌ଫି କର୍ନର ଧରିତ୍ରୀ DHARITRI

METROSELFIE@GMAIL.COM



@ ରାଜଲକ୍ଷ୍ମୀ



@ କ୍ଷୀରୋଦ



@ ଲିପୁ



@ ନିର୍ବିକଳ୍ପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସାକ୍ଷୀଗୋପାଳଙ୍କ ଝୁଲଣ ଯାତ୍ରା ଆରମ୍ଭ

ସାକ୍ଷୀଗୋପାଳ,୧୪।୮(ପ୍ରଶାନ୍ତ ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ)

ସାକ୍ଷୀଗୋପାଳ ମନ୍ଦିର ପରିସରରେ ବୁଧବାରଠାରୁ ଝୁଲଣ ଯାତ୍ରା ଆରମ୍ଭ ହୋଇଯାଇଛି। ଏଥିପାଇଁ ମନ୍ଦିର ଝୁଲଣ ମଣ୍ଡପରେ ସୁନ୍ଦର ସାଜସଜ୍ଜା କରାଯିବା ସହ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିଙ୍କୁ ଝୁଲୁଥିବା ଭକ୍ତମାନେ ଦର୍ଶନ କରିଥିଲେ। ଭକ୍ତ ମଧ ମଣ୍ଡପରେ ଠାକୁରଙ୍କୁ ଝୁଲାଇବାର ସୌଭାଗ୍ୟ ଅର୍ଜନ କରିଥିଲେ। ଏହି ଝୁଲଣ ଯାତ୍ରା ଆସନ୍ତା ରାଖୀ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଝୁଲଣ ମଣ୍ଡପରେ ଛୋଟ ଛୋଟ ଅଖଡ଼ା କଳାକାରଙ୍କୁ ନେଇ ଭକ୍ତି ସଙ୍ଗୀତ ପରିବେଷଣ କରାଯିବ। କାଣ୍ଡଗଦାର ଗୋଟିପୁଅ ନୃତ୍ୟାନୁଷ୍ଠାନ ପକ୍ଷରୁ ନୃତ୍ୟଗୁରୁ ବାବୁଲି ଭୂୟାଁ ଓ ଭଗବାନ ସାହୁଙ୍କ ନିର୍ଦ୍ଦେଶରେ ୫ ଜଣ କଳାକାର ନୃତ୍ୟ ପରିବେଷଣ କରିଥିଲେ। ମନ୍ଦିରକୁ ଦର୍ଶନ ନିମନ୍ତେ ଓ ଝୁଲଣ ଦେଖିବାକୁ ପାଇଁ ମନ୍ଦିରରେ ଭକ୍ତଙ୍କ ଗହଳି ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଲାଗିରହିଥିଲା।

## ତରା ପୋଖରୀ, ବିଶ୍ୱନାଥ ପାହାଡ଼, ଗାନ୍ଧୀପୀଠରେ ହେବ ଉନ୍ନତୀକରଣ

ଡେଲାଙ୍ଗ,୧୪।୮(ରଶ୍ମିରଞ୍ଜନ ପ୍ରଧାନ)

**ଡେଲାଙ୍ଗ ବ୍ଲକ୍‌ରେ ଜିଲାପାଳଙ୍କ ବିଭିନ୍ନ କାର୍ଯ୍ୟର ସମୀକ୍ଷା**



ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବୁଧବାର ଡେଲାଙ୍ଗ ବ୍ଲକ ଗସ୍ତରେ ଆସି ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହିତ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ବେରବୋଇସ୍ଥିତ ଗାନ୍ଧୀପୀଠ ବୁଲି ଓଟିଡିସି ପକ୍ଷରୁ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିବା ସହିତ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ ଗାନ୍ଧୀ ସ୍ମାରକୀ ସମିତିର ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ। ପରେ ଓଡ଼ିଶାର ଐତିହ୍ୟ ବହନ କରିଥିବା ପାହାଡ଼ ବିଶ୍ୱନାଥ ପାଦ ଦେଶରେ ପହଞ୍ଚି ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଆଙ୍କୋଇ ଗ୍ରାମରୁ ପାହାଡ଼ ଉପରକୁ ନିର୍ମାଣ କରାଯାଉଥିବା ରାସ୍ତା କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଘୋରଡ଼ିଆସ୍ଥିତ ତରା ପୋଖରୀ ପୁନରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଖୁବ୍‌ଶୀଘ୍ର ଏହାର ଚତୁଃପାର୍ଶ୍ୱକୁ ସୌନ୍ଦର୍ଯ୍ୟକରଣ କରାଯାଇ ପୋଖରୀରେ ବୋଟିଂ ବ୍ୟବସ୍ଥା କରାଯିବ ବୋଲି ସ୍ୱାଇଁ କହିଛନ୍ତି। ଅନ୍ୟପଟେ ଭୁବନେଶ୍ୱରର ଆବର୍ଜନା ପାଣି ଗଙ୍ଗୁଆ ନାଳ ଦେଇ କଣ୍ଟି କାଜ ନିକଟରେ ଦୟାନଦୀରେ ମିଶୁଥିବାରୁ ନଦୀପାଣି ବିଷାକ୍ତ ହେଉଥିବା କୃଷକ ନେତା ଅଶୋକ ପ୍ରଧାନ, ସତ୍ୟମନୁ ପ୍ରଧାନ, ରାମଚନ୍ଦ୍ର ମହାରଣା, କିଷାନ ପଟ୍ଟନାୟକ ପ୍ରମୁଖ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଜିଲାପାଳ କଣ୍ଟି କାଜ ନିକଟରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିବା ସହିତ ନିଜିଗଡ଼ ସନ୍ନିକଟ ୫୦ ଏକର ଜମିରେ ଏକ ବିଶୋଧନ କେନ୍ଦ୍ର ନିର୍ମାଣ କରାଯିବ ବୋଲି କହିଛନ୍ତି। କଣ୍ଟି ଓ ମାଧିପୁର କାଜ ଦେଇ ବନ୍ୟାଜଳ ପ୍ରବେଶ ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏହି ଅବସରରେ ବିଧାୟକ ଆଶ୍ରିତ ପଟ୍ଟନାୟକ, ଡେଲାଙ୍ଗ ବିଡିଓ କ୍ଷିତୀଶ ବେହେରା, ଅଧ୍ୟକ୍ଷା ବାସନ୍ତୀ ସାହୁ, ଗାନ୍ଧୀ ସ୍ମାରକୀ ସମିତି ସଭାପତି କୁନ୍ତଳା ବିଶ୍ୱାଳ, ସମ୍ପାଦକ ଚନ୍ଦ୍ରଶେଖର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।




ନରେନ୍ଦ୍ରକୋଣସ୍ଥିତ ଦେବୀଘାଟଠାରେ ପୁରୀର ଫେଟ୍ ଫାଇଟର୍ସ ମାଲ୍‌ଖମ୍ବ ଗ୍ରୁପ୍‌ର କଳାକାରମାନେ ଅନୁଷ୍ଠାନର ସମ୍ପାଦକ ଜ୍ଞାନରଞ୍ଜନ ମହାନ୍ତି ଏବଂ ଗୁରୁ ବିଜୟ କୁମାର ସ୍ୱାଇଁଙ୍କ ଦିଗ୍‌ଦର୍ଶନରେ ଚିତ୍ତାକର୍ଷକ ମାଲ୍‌ଖମ୍ବ ପ୍ରଦର୍ଶନ ମାଧ୍ୟମରେ ସ୍ୱାଧୀନତା ଦିବସକୁ ସ୍ୱାଗତ କରୁଛନ୍ତି।

